ମାସିକ ଇ-ପତ୍ରିକା

# ଆମରିସତ୍ୟ

ପ୍ରଥମ ବର୍ଷ ✲ ପଞ୍ଚମ ସଂଖ୍ୟା ✲ ମଇ ୨୦୨୨



**ମାର୍ଗଦର୍ଶକ :**

ଡ. ପ୍ରମୋଦ ଚନ୍ଦ୍ର ଦାଶ

**ଉପଦେଷ୍ଟା ମଣ୍ଡଳୀ :**

ବିଭୁପ୍ରସାଦ ହରିଚନ୍ଦନ
ଡ. ରଶ୍ମୀରଞ୍ଜନ ନାଥ
ନିଶିକାନ୍ତ କହଲସିଂହ

**ସମ୍ପାଦକ :**

ସମରଜିତ ପଟ୍ଟନାୟକ

**ସହଯୋଗୀ ସମ୍ପାଦକ ମଣ୍ଡଳୀ :**

ବାବାଜୀ ଜେନା
ତ୍ରିଲୋଚନ ଦାସ
ରଶ୍ମିତା ନାୟକ
ବାସନ୍ତୀ ଦେଇ

**ପ୍ରଚ୍ଛଦ ଓ ଅଙ୍ଗସଜ୍ଜା :**

ରାଜୀବ ରଥ
ପ୍ରୀତମ ବଳିୟାରସିଂହ

# ସଂପାଦକୀୟ



ସାମାଜିକ ଗଣମାଧ୍ୟମରେ ଓଡିଆ ଭାଷାରେ ଅନେକ ଗଳ୍ପ, କବିତା ଓ ପ୍ରବନ୍ଧମାନ ପାଠ କରିବାର ସୁଯୋଗ ମିଳୁଛି । ଏହା ଅନେକ ନୂତନ ଲେଖକ ଏବଂ ଲେଖିକା ସୃଷ୍ଟି କରୁଛି । କିନ୍ତୁ ପୂର୍ବରୁ ଏବଂ ଏବେ ଲେଖାଟିଏ ପ୍ରକାଶ କରିବା ପାଇଁ ପ୍ରକାଶକମାନେ ଲେଖାର ପ୍ରୟୋଗାତ୍ମକ ଦିଗ ତଥା ଗୁଣାତ୍ମକମାନ ଉପରେ ତୀକ୍ଷଣ ଦୃଷ୍ଟି ରଖି ପ୍ରକାଶ କରିବା ପାଇଁ ଅତ୍ୟନ୍ତ ଯତ୍ନଶୀଳ ।

କିନ୍ତୁ ସାମାଜିକ ଗଣମାଧ୍ୟମରେ ଘୁରି ବୁଲୁଥିବା କିଛି ନିମ୍ନମାନର ଅଶୋଭନୀୟ ଲେଖାଗୁଡିକୁ ସୁଧାରିବା ପରିବର୍ତ୍ତେ ସୁଧାରିବାକୁ ପରାମର୍ଶ ଦେଉଥିବା ବିଜ୍ଞ ବ୍ୟକ୍ତିମାନଙ୍କୁ ବିରୋଧ କରାଯାଉଛି । ଯଦି ଏପରି ମନୋଭାବ ନେଇ ମାତୃଭାଷାର ଅପବ୍ୟବହାର କରାଯାଏ, ତେବେ ଆମ ମାତୃଭାଷାର ଭବିଷ୍ୟତ କେତେ ସୁରକ୍ଷିତ !?

ତେଣୁ ଲେଖାଟିଏ ପ୍ରକାଶ କରିବା ପୂର୍ବରୁ ପ୍ରତ୍ୟେକ ସମୟରେ ଶବ୍ଦକୋଷର ଉପଯୁକ୍ତ ବ୍ୟବହାର ଦ୍ୱାରା ଲେଖାଗୁଡିକର ଗୁଣାତ୍ମକମାନ ବୃଦ୍ଧି କରିବାକୁ ପ୍ରୟାସ କରିବା ନିତ୍ୟାନ୍ତ ଆବଶ୍ୟକ ।

ସମରଜିତ ପଟ୍ଟନାୟକ


ଆମରି ସତ୍ୟ
ଏମ-୧/୫, ମୁକୁନ୍ଦପ୍ରସାଦ ହାଉସିଂ ବୋର୍ଡ କଲୋନୀ,
ପୋଷ୍ଟ : ପି ଏନ କଲେଜ, ଖୋର୍ଦ୍ଧା - ୭୫୨୦୫୭, ଓଡିଶା
ଯୋଗାଯୋଗ : ୯୪୩୭୨୮୧୭୫୫, email : amarisatya@gmail.com

| କ୍ର.ସଂ. | କବିତା | କବି/କବୟିତ୍ରୀ | ପୃଷ୍ଠା |
|---|---|---|---|
| ୧. | ବର୍ଷା | ମଧୁଛନ୍ଦା ଦାଶ | ୫ |
| ୨ . | ଅବ୍ୟକ୍ତ ଆର୍ତ୍ତସ୍ୱର | ଆରତି ମଞ୍ଜରୀ ଦାଶ | ୬ |
| ୩. | ପ୍ରମତ୍ତ ଯାଦବ | ରମେଶ ଚନ୍ଦ୍ର ମିଶ୍ର | ୭ |
| ୪. | ଗଙ୍ଗାପାର | ସୁରେଶ ଚନ୍ଦ୍ର ରଥ | ୮ |
| ୫. | ପ୍ରତିଶ୍ରୁତି | ଅଳକା ଦାସ | ୯ |
| ୬. | ଦାରୁଭୂତ ମୁରାରୀ | ସିଦ୍ଧେଶ୍ୱର ତ୍ରିପାଠୀ | ୧୦ |
| ୭. | ଅନାଦୃତ ସତ୍ୟ | ପ୍ରସନ୍ନ  ମଣ୍ଡଳ | ୧୧ |
| ୮. | ଶ୍ରମିକ - ଦେଶର ମେରୁଦଣ୍ଡ | ଶ୍ରୀମତୀ ବାସନ୍ତୀ ଦେଈ | ୧୨ |
| ୯. | ତ୍ରିରଙ୍ଗା ରେ ଲେଖା... | ଜ୍ୟୋତିର୍ବିଦ ମନୋଜ କୁମାର ପଟ୍ଟନାୟକ | ୧୩ |
| ୧୦. | ଦଗ୍ଧ ବୈଶାଖ | ବିନୋଦିନୀ ଦାଶ | ୧୪ |
| ୧୧. | ଶ୍ରେଷ୍ଠ ଅର୍ଦ୍ଧାଙ୍ଗିନୀ | ସନ୍ତୋଷ କୁମାର ପଣ୍ଡା | ୧୫ |
| ୧୨. | ସୁମନ | ଶୋଭାଗିନୀ  ନନ୍ଦ | ୧୬ |
| ୧୩. | କିଏ | ଶକୁନ୍ତଳା ପଣ୍ଡା | ୧୭ |
| ୧୪. | ଋତୁରାଜ | ପଣ୍ଡିତ ବାସୁଦେବ ସାହୁ | ୧୮ |
| ୧୫. | ରିକ୍ସା ବାଲା | ଚିନ୍ମୟ ପୋଲାଇ | ୧୯ |
| ୧୬. | ଏ ତ ଅଟେ ଜୀବନ ନାଟକ | ତ୍ରିନାଥ ପଟ୍ଟନାୟକ | ୨୦ |
| ୧୭. | ଅତୀତ ଦିନର ସ୍ମୃତି | ଛବିରାଣୀ ପତି | ୨୧ |
| ୧୮. | ସୁନାପିଲା ହୋଇବା | ବ୍ରଜେଶ୍ୱରୀ  ସିଂ | ୨୨ |
| ୧୯. | ବିରହୀ ସ୍ୱନ | ଆଶୁତୋଷ ମେହେର | ୨୩ |
| ୨୦. | ଫେରନ୍ତା ଚୈତ୍ର | ବିଜୟ କୁମାର ଜେନା | ୨୪ |
| ୨୧. | ସାଆନ୍ତେ ହେ...!! | ସୁକାନ୍ତି ମିଶ୍ର | ୨୬ |
| ୨୨. | ପଥରଟିଏ ସେ ଫୁଲ | ତାରାପ୍ରସାଦ ଜେନା | ୨୭ |
| ୨୩. | ଯାଯାବର ମନ | ରମେଶ ମଙ୍ଗରାଜ | ୨୮ |
| ୨୪. | କବିତା ଓ ତୁମେ | ଜିତେନ୍ଦ୍ର ନାୟକ | ୨୯ |
| ୨୫. | ଦେବୀ | ସୌମ୍ୟାଶ୍ରୀ ପଣ୍ଡା | ୩୦ |

| କ୍ର.ସଂ. | କବିତା | କବି/କବୟିତ୍ରୀ | ପୃଷ୍ଠା |
|---|---|---|---|
| ୨୬. | ଜୀବନର ଚିତ୍ର | ରଞ୍ଜିତା ମିଶ୍ର | ୩୨ |
| ୨୭. | ଓଡ଼ିଆ ଆଉ ଓଡ଼ିଶା | ଦିବାକର ନାୟକ | ୩୩ |
| ୨୮. | ସାବଧାନ | କାହ୍ନୁ ଚରଣ ମିଶ୍ର | ୩୪ |
| ୨୯. | ଆ... ଲେଖିବା କବିତାଟିଏ | ମନୋଜ ମିଶ୍ର | ୩୫ |
| ୩୦. | ଅଦୃଷ୍ଟଙ୍କୁ ପ୍ରଶ୍ନ | ସାରଙ୍ଗଧର ଷଡ଼ଙ୍ଗୀ | ୩୬ |
| ୩୧. | ଜୀବନ ପଥ | ତ୍ରିଲୋଚନ ଦାସ | ୩୭ |
| ୩୨. | ବସନ୍ତ ଗଲାଣି ଫେରି | ନିଶିକାନ୍ତ କହଲସିଂହ | ୩୮ |
| ୩୩. | ଆମେ ଚନ୍ଦ୍ରଭାନୁ-ଲାବଣ୍ୟବତୀ | ଯମେଶ୍ୱର କହଲସିଂହ | ୩୯ |
| ୩୪. | ଅରତୁ ମେଘ | ବୈଦ୍ୟନାଥ ଖିଲାର | ୪୦ |
| ୩୫. | ପ୍ରେମ ପରିଭାଷା | ସୁନନ୍ଦା ମହାନ୍ତି | ୪୧ |
| ୩୬. | ଇପ୍ସିତ ପୃଥିବୀ | ଡ. ସସ୍ମିତା ପଟ୍ଟନାୟକ | ୪୨ |
| ୩୭. | ଅନ୍ଧ ପ୍ରେମିକର ଗୀତ | ନିଶିକାନ୍ତ କହଲସିଂହ | ୪୩ |
| ୩୯. | ଗ୍ରୀଷ୍ମର ତାତି | ଜୟଶ୍ରୀ ପଟ୍ଟନାୟକ | ୪୪ |
| ୪୦. | ଏବେ ଏବେ : ମୁଁ, ତମେ ... | ସରୋଜିନୀ ଜେନା | ୪୫ |
| ୪୧. | ମାହାତ୍ମ୍ୟ : ଅକ୍ଷୟ ତୃତୀୟାର | ତୋଫାନ କୁମାର | ୪୬ |
| ୪୨. | ମୁଁ କଣ ଶାନ୍ତିରେ ଅଛି | କାଳିପ୍ରସାଦ ମହାପାତ୍ର | ୪୭ |
| ୪୩. | ବିଜ୍ଞାନୀ କୈବର୍ତ୍ତ | ପଦ୍ମନାଭ ପାଣିଗ୍ରାହୀ | ୪୮ |
| ୪୪. | କବି ଓ କବିତା | ଡ. ପ୍ରମୋଦ ଚନ୍ଦ୍ର ଦାଶ | ୪୯ |

# ବର୍ଷା



**ମଧୁଛନ୍ଦା ଦାଶ**

ବରଷାକାଳ ଜଳଦ ମାଳ
ନୀଳ ଗଗନେ ଭାସେ
ବଉଦ ଫାଙ୍କେ ନାଳି ସୁରୁଜ
ମୁରୁକି ହସ ହସେ ।

ଆକାଶ କୋଳେ ବାରିଦ ମେଳେ
ବିଜୁଳି ରାଣୀ ଦିଶେ
ସାଥିରେ ତାର କଳାବାଦଲ
ବାଜା ବଜାଇ ଆସେ ।

ଟୁପୁରୁ ଟୁପୁ ଶବଦ କରି
ଝରେ ବରଷା ପାଣି
ସାରୁ ଗଛ ମୂଳେ କେଁକଟର
ଡାକେ ବେଙ୍ଗୁଲି ରାଣୀ

ମାଳକୁମାଳ ସାଧବ ବୋହୂ
ମନକୁ ମୋହି ନିଏ
ଛୁଇଁଲେ ତାକୁ ସରମି ଲାଜେ
ମୁହଁ ଲୁଚାଇ ଦିଏ ।

ସବୁଜ କ୍ଷେତ ଶ୍ୟାମଳ ତରୁ
ଦୂର ଗଗନେ ମିଶେ
ପାହାଡ଼ ତଳେ ଟିକି ଗାଆଁଟି
ସରଗ ପରି ଦିଶେ ।

ମେଘ ଦର୍ଶନେ ପୁଚ୍ଛ ବିସ୍ତାରି
ବନରେ ନାଚେ କେକୀ
କି ଅପରୂପ ଭଙ୍ଗିମା ତାର
ଆଖି ରହଇ ଲାଖି ।

ସରସୀ ଜଳେ ପଦୁଅଁ କଇଁ
ଆହା କି ତୋରା ଦିଶେ
ସାତରଙ୍ଗର ଇନ୍ଦ୍ରଧନୁଟି
ଆକାଶ କୋଣେ ହସେ ।

ବରଷା ବାରି ସାଥିରେ ଧରି
ଉଛୁଳା ନଈ ଧାଏଁ
ଆମାନିଆ ସେ ଗାଁ ଗଣ୍ଡା ବିଲ
ସବୁ ଭସାଇ ନିଏ ।

ବରଷା ରାତି ଛନକେ ଛାତି
ମନେ ଆଣଇ ଭୀତି
ଡାକେ ଡାହୁକ ରାବେ ମଣ୍ଡୁକ
ଝିଙ୍କାରୀ କରେ ଝିଁ ଝିଁ ।

ହେଲେ ବରଷା ମାଆ ପରି ସେ
ହୁଏ ଆଶିଷ ଦାୟୀ
ନିଦାଘ ଶେଷେ ଧରାକୁ ଆସେ
ଅଟେ ମଙ୍ଗଳମୟୀ ।

# ଅବ୍ୟକ୍ତ ଆର୍ତ୍ତସ୍ୱର

ଆରତି ମଞ୍ଜରୀ ଦାଶ



ବାରୁଣୀ ଗଗନେ ଢ଼ାଳି ଶୋଣିତ ରଙ୍ଗଣୀ
ଅସ୍ତରାଗେ ଜଳୁଥିଲା କିବା
ସନ୍ଧ୍ୟାର ଦିହୁଡ଼ି,
ଶୁଭୁଥିଲା ଦୂରପଥୁଁ ଅବା
ଶିବା ଶିଙ୍ଗା ଧ୍ୱନି,
ଘଣ୍ଟା ନାଦ ସାଥେ ଦୂର ଦେବାଳୟେ
ସରୁ ଥିଲା କିବା
ସନ୍ଧ୍ୟାର ଆରତି ।
ସହସା ବାତାଘାତେ ଖୋଲି ଗଲା
ପଶ୍ଚିମ ପଥ
ନିଭି ଗଲା ଶିଳା ଗୃହେ
ନିବଦ୍ଧ ପ୍ରଦୀପ,
ଶୂନ୍ୟେ, ମହାଶୂନ୍ୟେ ଗଲା ହଜି
ଦୀପ୍ତ ଶିଖା ତା'ର
ପଶ୍ଚିମ ଗଗନେ ।

ରୁଖା ତେଜି ମୃତ୍ତିକା ପ୍ରଦୀପ
ନିଃଶବ୍ଦେ ଭଜିଲା
ଆହା ମୃତ୍ତିକା କୋଳ,
ଶୂନ୍ୟ, ସ୍ତବ୍ଧ ଶିଳା ଗୃହେ
ରାଜୁ ଥିଲା ଖାଲି ଶୂନ୍ୟତାର ସ୍ୱର
ଲୋକ ଲୋକାନ୍ତରେ
ସଞ୍ଚରିଲା ବଞ୍ଚିତର ଅବ୍ୟକ୍ତ ଆର୍ତ୍ତସ୍ୱର,
ନିର୍ବାଦେ ନିଘୋଷି ମହାକାଶେ
ଚିରଞ୍ଜୟୀ କାଳର ସେ
ଜୟ ଜୟକାର
ଚିତାନଳେ ସମର୍ପିତ
ବଞ୍ଚିତର ଚିର ହାହାକାର ।

ଗୁରୁଜଙ୍ଗ, ଖୋରଧା

# ପ୍ରମତ୍ତ ଯାଦବ



**ରମେଶ ଚନ୍ଦ୍ର ମିଶ୍ର**

ପୃଥିବୀର ଏ ଏରକାର ବନରେ
ଆଜି କୋକୁଆ ମାତିଛି
କ୍ଷମତାନ୍ଧ ପାଗଳମାନଙ୍କୁ
ବିଭ୍ରମର ମାୟାଜାଲ ବେଢ଼ାଇ
ପରସ୍ପର ବିଭେଦର ପ୍ରାଚୀର ତୋଳିଛି
ହିଂସା ଅସୂୟାର,
ସାମ୍ରାଜ୍ୟବାଦର କାଦମ୍ବରୀ ପାନରେ
ବିଭ୍ରାନ୍ତ କରିଛି ।
ଅଶୁଭ ଲଗ୍ନରେ ଆଜି
କୋକୁଆ ମାତିଛି ।

ଯୁଦ୍ଧର ଦାବାନଳରେ ସଂତ୍ରସ୍ତ ଏ ମାଟି
ପବନରେ ମହାକାଳର ବିକଟ ଚିତ୍କାର
ବିଭସ୍ତ ମୃତ୍ୟୁର ଗମ୍ଭୀର ନିର୍ଘୋଷରେ
ସ୍ତବ୍ଧ ଜନପଦ
ସାଧାରଣ ମଣିଷର ବୁକୁ ଯାଏ ଫାଟି ।

କଣ ପାଇଁ ଏ ବଡ଼ିମା, ଏ ମହତ୍ତ୍ୱାକାଂକ୍ଷା
ଜୀବନ ତ ଆତଙ୍କିତ ସାପଟିଏ ଭଳି
ଆତ୍ମରକ୍ଷାପାଇଁ ବିବର ଖୋଜୁଛି,
ସେଦିନ ହିରୋସୀମା, ନାଗାସାକୀର
ପ୍ରଳୟର ଉଦ୍ଧତ ତାଣ୍ଡବକୁ କ'ଣ
ପାଶୋରି ଦେଇଛି

ନିଶ୍ଚିତ ମୃତ୍ୟୁକୁ ହାତଠାରି ସାଦରେ ଡାକୁଛି ।
ଆମେ ଖୋଲିଛେ ପୃଥିବୀର ଇତିହାସ ପୃଷ୍ଠା
ଆମେ ପଢ଼ିଛେ ତାର ପ୍ରତିଟି ଅଧ୍ୟାୟ
ସୂଚ୍ୟଗ୍ର ମାଟିର ଲୋଭ
ଟାଣିନିଏ ରକ୍ତ ନଦୀର ପ୍ରଖର ସୁଅକୁ
ପୁଅର ଶବ ବି କାଠଗଣ୍ଡି ହୁଏ,
ଅହଂସର୍ବସ୍ୱ ମନ, ସାମ୍ରାଜ୍ୟବାଦୀ ଚେତନା
ଧସାଇଦିଏ ବିରାଟ ସାମ୍ରାଜ୍ୟ
ରାଜା ବି ଭିକାରୀ ହୁଏ
ନିଜକୁ "ଦେଶ" ବୋଲି ହୁଂକାରୁଥିବା ସମ୍ରାଟ
ଆତ୍ମଶ୍ଳାଘାରେ ବିଷପାନ କରେ ।

କେଡେ ବାମନ ଏ ଯାଦବ
ପାଣିଫୋଟକାର ଏ ଜୀବନ
ଆଜି ଅଛି-କାଲି ନାହିଁ
କାଦମ୍ବରୀ ପାନ ପରେ
ଏ ସତ୍ୟକୁ ତାର ହାତ ପାଉନାହିଁ
ଜୀବନର ସତ୍ୟଠାରୁ
ବାଟବଣା ଏ ମଣିଷ
ପ୍ରମତ୍ତ ଯାଦବ
ନିଜକୁ ନିଜେ ଦେଖିପାରୁନାହିଁ ।

ତାପସ କୁଟୀର, ବଇଣ୍ଡା, ଅନୁଗୋଳ
ମୋ- ୯୪୩୮୪୮୧୧୩୬

# ଗଙ୍ଗାପାର



**ସୁରେଶ ଚନ୍ଦ୍ର ରଥ**

ଶ୍ରୀରାମ ସୌମିତ୍ରୀ ଗୁରୁ ବିଶ୍ୱାମିତ୍ର ଜାହ୍ନବୀ ତଟରେ ପ୍ରବେଶି
ଗଙ୍ଗା ଅତିକ୍ରମ କରିବା ନିମନ୍ତେ ଧୀବରେ ଡାକିଲେ ଆଶ୍ୱାସି
ବଧୀର କୈବର୍ତ୍ତ ନୀରବେ ଦେଖିଲା
ପଦରଜ ସ୍ପର୍ଶେ ପ୍ରସ୍ତର ମୂରତି ଦିବ୍ୟ ନାୟିକା ହୋଇଗଲା

ଗଙ୍ଗାମାତା ଦେଖି ହର୍ଷୋତଫୁଲ୍ଲ ଆଖି ନାଚି ନାଚି ପାଶେ ଆସିଲେ
ବିଷ୍ଣୁ ନଖ କୋଣୁ ଭଗୀରଥ ଯୋଗୁ ଧରାବତରଣ କରିଲେ
ଧନ୍ୟ ଅଭିଶପ୍ତ ସଗର କୁମାର
ମାତାଙ୍କ ପରଶେ ଜୀବନ ଲଭିଲେ ମୋକ୍ଷର ଆନନ୍ଦ ଅପାର

ବଧିର ଧୀବର ଶ୍ରୀରାମ ପୟର ସେ ଜଳେ କଲା ପ୍ରକ୍ଷାଳନ
ବସନେ ପୋଛିଣ ଚରଣାମୃତକୁ ଉଦରେ କ୍ଷେପିଲା ତତକ୍ଷଣ
ବିଜ୍ଞାନୀ କୈବର୍ତ୍ତ ଆନନ୍ଦେ ହସିଲା
ହର ବ୍ରହ୍ମା ଦ୍ୱାରା ଅପ୍ରାପ୍ତ ପଦାର୍ଥ ଭାଗ୍ୟବଳେ ଆଜି ଲଭିଲା

ଗଙ୍ଗା ଅତିକ୍ରମି ମିଥିଳା କଟକେ ଦେଖ ଜନତାଙ୍କ ଆନନ୍ଦ
ସ୍ୱର୍ଗରୁ ଓହ୍ଲାଇ ଆସିଛନ୍ତି ସତେ ହେବାକୁ ରାଜାର ଦାମାଦ
ଶିବଧନୁ ଆଜି ନିଶ୍ଚୟ ଭାଙ୍ଗିବ
ସୀତା ସ୍ୱୟଂବରେ ଜଗତ କଲ୍ୟାଣ ଆକାଶୁ ପୁଷ୍ପ ବରଷିବ ।

ବିଶ୍ବନାଥ କଲୋନି, ଜଟଣି, ଖୋରଧା
ମୋ - ୯୭୭୭୨୩୮୬୪୦

# ପ୍ରତିଶ୍ରୁତି



ଅଳକା ଦାସ

ମାଆ କେବେ ଦେଇପାରେ ପ୍ରତିଶ୍ରୁତି,
ନ ହେବାର କନ୍ୟା,
ବର୍ଷା କେବେ ଦେଇପାରେ ପ୍ରତିଶ୍ରୁତି,
ନ ହେବାର ବନ୍ୟା,
ସୂର୍ଯ୍ୟ କେବେ ଦେଇପାରେ ପ୍ରତିଶ୍ରୁତି,
ଆଲୋକିତ କରିବାକୁ ଏ ସାରା ମୁଲକ,
ଚନ୍ଦ୍ର କେବେ ଦେଇପାରେ ପ୍ରତିଶ୍ରୁତି,
ବର୍ଷସାରା ଢାଳିବାକୁ ଶୀତଳ ଆଲୋକ,
ଫୁଲ କେବେ ଦେଇପାରେ ପ୍ରତିଶ୍ରୁତି,
ଲାଗି ହେବାପାଇଁ ଯାଇ ଠାକୁର ସେବାରେ,
ସିନ୍ଧୁ କେବେ ଦେଇପାରେ ପ୍ରତିଶ୍ରୁତି,
ତୃଷା ନିବାରଣ ପାଇଁ ତୃଷିତ ଜନରେ,
କେହିକା'ର ପ୍ରତିଶ୍ରୁତି କରିବାକୁ ରକ୍ଷା,
ନୁହଇ ସମର୍ଥ ଆଉ ନୁହଁଇ ନିଶ୍ଚିତ,
ସବୁଖାଲି ବାହାସ୍ଫୋଟ,ବୃଥା ଆସ୍ଫାଳନ,
ଧର୍ମ କର୍ମ କରିବାର ଏକ ବିଡମ୍ୱିତ,
ମୁଁ କିନ୍ତୁ ଦେଇପାରେ ପ୍ରତିଶ୍ରୁତି,
ଶତ ପ୍ରତିଶ୍ରୁତି,
ଜୀବନର ପ୍ରତି ସୋପାନରେ,
ଦୃଢ ଅଭିବ୍ୟକ୍ତି ।

ସରକାରୀ ଉଚ୍ଚ ବିଦ୍ୟାଳୟ,
ପଲ୍ଲାଟୋଟାପଡା

# ଦାରୁଭୂତ ମୁରାରୀ

ସିଦ୍ଧେଶ୍ୱର ତ୍ରିପାଠୀ



ଶୁଣ ଶୁଣ ମୋ ଦୁଃଖ
ଦାରୁଭୂତ ମୁରାରୀ
ସବୁ ଜାଣି ଶୁଣି ମଉନ ରହିଲେ
କା' ଆଗେ କରିବି ଗୁହାରି

ଶୁଣ ଶୁଣ ମୋ ଦୁଃଖ
ଦାରୁଭୂତ ମୁରାରୀ

ମୋତେ ଦେଲ ଏଇ ମଣିଷ ଜନମ
କେତେଯେ ଜଞ୍ଜାଳ ଖଞ୍ଜିଲ
ମୋହରେ ପକାଇ ଆହେ ଭାବଗ୍ରାହୀ
ଆପଣେ ମନକୁ ରଞ୍ଜିଲ
ସପନ କୁହୁଡି ଚଉଦିଗ ବୁଲେ
ବାଟ ଆସେ ନାହିଁ ବାହାରି

ଶୁଣ ଶୁଣ ମୋ ଦୁଃଖ
ଦାରୁଭୂତ ମୁରାରୀ

କେମିତି ଜିଇଁବି ମାୟା ନଗରୀରେ
ସଭିଙ୍କର ମନ  ଛଳନା ଭରା
ସଂସାର ଦାଣ୍ଡରେ ଶୂନ୍ୟ ପଡିଗଲା
ଯାହା ଆଣିଥିଲି ସୁଖ ପସରା
ଦୁଃଖର ପସରା ମୁଣ୍ଡରେ ମୁଣ୍ଡେଇ
ଚାଲିଛି ଏକାକୀ ପ୍ରହରୀ

ଶୁଣ ଶୁଣ ମୋ ଦୁଃଖ
ଦାରୁଭୂତ ମୁରାରୀ

କହେ ସିଦ୍ଧେଶ୍ୱର ହେଲ କି ପଥର
ଆହେ ନୀଳାଚଳ ବିହାରୀ
ଶୁଣ ଶୁଣ ମୋ ଦୁଃଖ
ଦାରୁଭୂତ ମୁରାରୀ ।

# ଅନାଦୃତ ସତ୍ୟ



**ପ୍ରସନ୍ନ ମଣ୍ଡଳ**

ଘୃତ ଜ୍ୱଳନ ରତି
ଗୁପ୍ତ ରୁଧିର ଗତି
ମୁକ୍ତ ଶକୁନ୍ତ କ୍ଷିପ୍ର ଅଙ୍ଗ
ଭୃତ୍ୟ ନିଭୃତ ଭାବ
ଭଗ୍ନ ପ୍ଲାବିତ ନାବ
ବ୍ୟର୍ଥ ବିଭକ୍ତ କ୍ଷୁଦ୍ର ମଙ୍ଗ

ବିକୃତ କର୍ତ୍ତା କ୍ରୁର ନୀତି
ଉତ୍ କ୍ଷିପ୍ତ ଅହିରାଜ
ଅତୃପ୍ତ କ୍ରୁର ଗଜ
କ୍ଷଣ ଅନିଳ ତୀବ୍ର ଗତି ।୧।

ବୃନ୍ତ ପ୍ରସୂନ ଆଭା
ସ୍ୱର୍ଣ୍ଣ ସୁଷମା ଶୋଭା
ଛିନ୍ନ ପଲ୍ଲବ ଜୀର୍ଣ୍ଣ ଆଶା
ଘୂର୍ଣ୍ଣି ବଳୟ ବୃତ୍ତ
ପୁଷ୍ପ ମଳୟ ନୃତ୍ୟ
ମୃତ୍ୟୁ ଅବଧି ଜନ୍ମ ଭାଷା

ଧୂର୍ତ୍ତ ଶୃଗାଳ ବନ୍ଧୁ ପ୍ରୀତି
ସିକ୍ତ ମୃଣ୍ମୟ ତନୁ
ଭଗ୍ନ ଅବଶ ଜାନୁ
ଅବନୀ ଆବର୍ତ୍ତନ ଗୀତି ।୨।

ଶିଳୋଚୟ ସ୍ଖଳନ
ପୁଷ୍କର ଆକଳନ
ପୂର୍ଣ୍ଣ ଉତ୍ତାଳ ଜଳନିଧି
ନିଭୃତ ନାରିକେଳ
ଗର୍ଭ ସଞ୍ଚିତ ଜଳ
ଉଦ୍ଦିତ ସମର ଆୟୁଧ

କ୍ରୁର କୁଳିନ କ୍ଷଣ କ୍ରୋଧ
ଜନିତ୍ରୀ ଜନ୍ମ କ୍ଳେଶ
ନଗ୍ନ ବିଭକ୍ତ ଦେଶ
ଲଗ୍ନ ମୂହୁର୍ତ୍ତ ମୃତ୍ୟୁ ବୋଧ ।୩।

ନବଜାତ ଯନ୍ତ୍ରଣା
ନବବଧୂ ମନ୍ତ୍ରଣା
ବୁଧ ସମ୍ଭୁତ ଦିବ୍ୟ ଚିତ୍ତ
ବିଦ୍ଧ ଆୟୁଧ ଗତି
ବିଧି ଆୟୁଷ ରୀତି
ବିଶ୍ୱ ନିଶ୍ୱାସ ବିଭୁ ବିତ୍ତ

ନିଃସ୍ୱ ନିଶାନ୍ତ ଗୁପ୍ତ ଦୁଃଖ
ତିକ୍ତ ମାତୃକା ଖେଦ
ସିକ୍ତ ମୃତ୍ତିକା ଭେଦ
ଅତୃପ୍ତ ତୁରଙ୍ଗମ ମୁଖ ।୪।

**କୋଟପଲ୍ଲୀ, ଖୋର୍ଦ୍ଧା**

# ଶ୍ରମିକ - ଦେଶର ମେରୁଦଣ୍ଡ

ଶ୍ରୀମତୀ ବାସନ୍ତୀ ଦେଇ



ଜୟ କିଷାନ    ଜୟ ଯବାନ
  ଜୟ ଶ୍ରମିକ ଭାଇ
ତୁମରି ନିଷ୍ଠା    ଶ୍ରମ ଦାନରେ
  ସଂସାର ହସୁଥାଇ।୧।
କର୍ମ ଈଶ୍ୱର    ଶ୍ରମଟି ବଡ଼
  ସଂସାର ଜନ ପାଇଁ
ବିନା ଶ୍ରମରେ    ବିନା କର୍ମରେ
  କିଛି ଫଳଇ ନାହିଁ।୨।
କର୍ମର ମୂଲ୍ୟ    ଶ୍ରମ ମର୍ଯ୍ୟାଦା
  ବୁଝ ସକଳ ଜନ
ଶ୍ରମିକ ହେଉ    କୃଷକ ହେଉ
  ଯବାନେ କର ସଲାମ।୩।
ଖରା ବରଷା    ଶୀତକୁ ଡର
  ନଥାଏ ମନେ ତା'ର
ଦେଶ ସେବାରେ    ଜୀବନ ବିତେ
  ମନେ ଖୁସି ଅପାର।୪।
କୃଷି କ୍ଷେତ୍ରରେ    ସୁନା ଫସଲ
  ଯୋଗାଏ ଖାଦ୍ୟ ସାର
କାରଖାନାରେ    ଉପୁଜେ ଦ୍ରବ୍ୟ
  ଶ୍ରମିକ ଆଗୁସାର।୫।

ପଖାଳ ଭାତ    ଲୁଣ ଲଙ୍କା ରେ
  କଟଇ ଦିନ ଯାର
ସୁଖ ସ୍ୱାଚ୍ଛନ୍ଦ୍ୟ    ଦିବା ସପନ
  ତେଲଲୁଣ ସଂସାର।୬।
କୁଡ଼ିଆ ଘର    ଶାଗ ପଖାଳ
  ପାଏ ପରମ ତୃପ୍ତି
ସକାଳୁ ସଞ୍ଜ    ନାହିଁ ବିଶ୍ରାମ
  ଦିନଟି ଯାଏ ବିତି।୭।
ଦାଦନ ଖଟେ    ପ୍ରବାସେ ରହେ
  ଘର ସଂସାର ଛାଡେ
ପେଟ ଚାଖଣ୍ଡ    ପୋଷିବା ପାଇଁ
  କର୍ମ ଆଦରି ପଡ଼େ।୮।
ଶିଳ୍ପ ପ୍ରଗତି    ଦେଶ ଉନ୍ନତି
  କୋଠାବାଡ଼ି ନିର୍ମାଣ
ପୁରୀ କୋଣାର୍କ    କଳା ସ୍ଥାପତ୍ୟ
  ଶ୍ରମିକର ଶ୍ରମଦାନ।୯।
ଶ୍ରମ ମର୍ଯ୍ୟାଦା    ଦିଅ ସର୍କାର
  ଶ୍ରମିକ ଦିବସ ରେ
ଦେଶର ମେରୁଦଣ୍ଡ    ଶ୍ରମିକ
  ଦିନ ବିତୁ ତା' ଖୁସିରେ।୧୦।

**ଶିକ୍ଷୟିତ୍ରୀ ଓ କବୟିତ୍ରୀ**
**ଖୋର୍ଦ୍ଧା**

# ତ୍ରିରଙ୍ଗା ରେ ଲେଖା ମୋ ଶେଷ ଚିଠି

ଜ୍ୟୋତିର୍ବିଦ ମନୋଜ କୁମାର ପଟ୍ଟନାୟକ

ତ୍ରିରଙ୍ଗା ଉଡାଇ ଉନ୍ମାଦ ଚିତେ
ଫେରୁଥିଲି ଲକ୍ଷ ପଥେ
କମାଣ ଫୁଟିଲା ବକ୍ଷରେ ଆସି
ଅନ୍ଧାର ଦିଶିଲା ମତେ ।।୦୧

ଦେଶର ଗୌରବ ମୋ ନାମେ ଥିଲା
ମୁଁ ଅଟେ ବୀର ସନ୍ତାନ
ହୃଦୟ ଫାଟି ଲହୁ ଝରୁଥିଲା
ଅଥୟ ହୋଇଲା ମନ ।।୦୨

ହୃଦୟ ବିଦାରକ ଯନ୍ତ୍ରଣା ଥିଲା
ମୁଁ ନିଜେ ଥିଲି ତା' ସାକ୍ଷୀ
ପଥର ଗୁଡାକ ତରଳି ଗଲା
ବିକଳ ମୋହର ଦେଖି ।।୦୩

ରକ୍ତ ଛିଟାକୁ ମୁଁ ସାଉଁଟୁ ଥିଲି
ଜୀବନ ଗଲା ପୂର୍ବରୁ
ପାଷାଣ ମଧ୍ୟେ ଲେଖିଦେବି କିଛି
ଶେଷ ଦୁଇ ପଦ କଥାରୁ ।।୦୪

ସେତକ ବି ଆଉ ପୂରଣ ହେବନି
ଅନ୍ଧାର ଦିଶଇ ଆଖି
ଶେଷ କଥା ସବୁ ଅଧୁରା ରହିଲା
ଘୋର ବନସ୍ତ ସାକ୍ଷୀ ।।୦୫

ଅତୀତକୁ ପଦେ ଏଥିରେ ଅଛି
ଅନ୍ଧାରରେ ବର୍ତ୍ତମାନ
ଶେଷ ପଦେ କଥା ଲେଖି ଦେବି ବୋଲି
ବ୍ୟାକୁଳ ହେଉଛି ମନ ।।୦୬

ଶେଷ ଚିଠି ମୋ ଅଧୁରା ରହିଲା
ଲେଖିବି, ରହିଲେ ଜୀବନ
ଥମିବା ଆଗରୁ ସବୁକୁ କହୁଛି
ବନ୍ଦେ ମାତରମ୍ , ବନ୍ଦେ ମାତରମ୍ ।।୦୭

ହିଞ୍ଜିଳିକାଟୁ, ଗଞ୍ଜାମ
ଫୋନ-୯୪୩୭୮୧୪୮୦୮

# ଦଗ୍ଧ ବୈଶାଖ

ବିନୋଦିନୀ ଦାଶ



ଡହଡହ ଖରା ଉତ୍ତପ୍ତ ଏ ଧରା
ଅସହ୍ୟ ତାତିରେ ମନ ବିକଳ
ଦଗ୍ଧ ବୈଶାଖଟା ଦିଅଇ କଷଣ
ଦେଖାଇ ତା' କରାମତିର ଖେଳ
ଦେହୁ ବହଇ ଗମଗମ ଝାଳ
କର୍ମଠ ମଣିଷ ହୁଅଇ ଅବଶ
ହରଣ ମନରୁ ଆଗ୍ରହ ବଳ ।

ଅନଭବ ହୁଏ ସତେ ଜାଳିଦେବ
ତା'ର ପ୍ରକୋପେ ଏ ସାରା ମୂଲକ
ଘାସ ଗଛଟେ ବି ପାଣ୍ଡୁର ଦିଶଇ
ଭିଜିଭିଜି ନିତି ତା'ର ଡହକ ।
ଶୁଖି ଠୋ-ଠୋ ଯେତେ ତଡ଼ାଗ
ଜଳ ମୁନ୍ଦେ ପାଇଁ ଡହଳବିକଳ
ଜନ, ପଶୁପକ୍ଷୀ, କୀଟପତଙ୍ଗ।

କହି ହୁଏ ନାହିଁ ମାଟି ବ୍ୟାକୁଳତା
ଟାଇଁଟାଇଁ ଖରାକୁ ପିଇ ପିଇ
ଅସହାୟ ଭାବେ କରଇ ରୋଦନ
ସତେ କି ଆଜି ତା' ବୁକୁ ଫଟାଇ !
ବରଷା ଟୋପାକୁ ସେ ଚାହିଁ ଚାହିଁ
ତାର ବୁକୁ ପରେ ସନ୍ତାନଗଣଙ୍କୁ
ଭାବେ କିପରି ରଖିବ ବଞ୍ଚାଇ ?

ଦଗ୍ଧ ବୈଶାଖର ଝାଞ୍ଜିକୁ ଶୀତଳ
କରଇ ଯେପରି ବରଷା ଟୋପା
ମନର ଉତାପ ହୁଅଇ ଶୀତଳ
ବିବେକର ଗଳା ରହିଲେ ଚାପା
ଲିଭିଯାଏ ମନୁ ଯେତେକ ଦକା
ଶୀତଳ ହୃଦୟ ସଦା ମଧୁମୟ
ସତେ କି ଝରଇ ବିଭୁ ପାଦୁକା !

କୁରୁଆଁ, ମୁଗପାଳ, ଯାଜପୁର

# ଶ୍ରେଷ୍ଠ ଅର୍ଦ୍ଧାଙ୍ଗିନୀ

ସନ୍ତୋଷ କୁମାର ପଣ୍ଡା



ରାଜା ଅଶ୍ୱପତି ରାଣୀ କୌଶଲ୍ୟାଙ୍କ
ସାଧନାରୁ ହେଲେ ଜାତ,
ରୂପ, ଗୁଣ ସହ ସୁକନ୍ୟା ଭାବରେ
ସାବିତ୍ରୀ ହୋଇଲେ ଖ୍ୟାତ।୦।
ପିତାଙ୍କ ଆଦେଶେ ଭ୍ରମୁଥିଲେ ଯେବେ
ବିକିଦେଲେ ନିଜ ମନ,
ଶାଲ୍ୱ ରାଜ୍ୟ ଦ୍ୟୁମତସେନଙ୍କ ପୁତ୍ର
ନାମ ଅଟେ ସତ୍ୟବାନ।୧।
ଅଳ୍ପାୟୁଷ ନେଇ ଆସିଛନ୍ତି ପ୍ରିୟ
ତଥାପି କଲେ ନିଜର,
ବାସ୍ତବ ପ୍ରେମର ଦେଲେ ନିଦର୍ଶନ
ନ ହୋଇ ସେ ଭୟାତୁର।୨।
ନିଜେ ଜନ୍ତୁଦେବ ପରାଜିତ ହେଲେ
ପତିବ୍ରତା ନାରୀ ପାଶେ,
ମୃତ୍ୟୁର ଉପରେ ବିଜୟ ହାସଲ
କୀର୍ତ୍ତି ରହିଗଲା ବିଶ୍ୱେ।୩।
ଆଦର୍ଶ ପ୍ରେମିକା ଶ୍ରେଷ୍ଠ ଅର୍ଦ୍ଧାଙ୍ଗିନୀ
ନାରୀ ଜାତି ଗଉରବ,
ଯେତେ ଦିନ ଯାଏ ରହିଥିବ ସୃଷ୍ଟି
ଏ ବିଶ୍ୱ ମନେ ରଖିବ।୪।

ଗତିରାଉତପାଟଣା, କଟକ

# ସୁମନ

ଶୋଭାଗିନୀ ନନ୍ଦ



ନନ୍ଦନ କାନନ ପାରିଜାତ ବନ
ସୁମନେ ସଜ୍ଜିତ ଆହାଃ କି!ମନୋରମ
ଜୁଇ ଜାଇ ହେନା ମଲ୍ଲୀ ମାଧବୀ ମାଳତୀ
ପୁଷ୍ପେ ସୁବାସିତ ରଙ୍ଗ ବେରଙ୍ଗେ କେତକୀ ।

ଚାରୁ ଶୋଭାମୟୀ ପ୍ରକୃତି ରାଣୀ
ସୁମନେ ସଜ୍ଜାଏ ସୌନ୍ଦର୍ଯ୍ୟର ସବୁଜ ବନାନୀ ,
ମନ ମୋହିନୀ ସୁମନର ସୁଗନ୍ଧ
ସେତ ଚିତ୍ତ ହାରିଣୀ ।


ସୁମନ ପ୍ରେମର ପ୍ରତୀକ
ଭକ୍ତ ପ୍ରେମିକର ସେ ପ୍ରେମର ସନ୍ତକ
ପୂଜା କରିଥାଏ ନେଇ ଭକ୍ତ ଦେବାଳୟେ
ପ୍ରେମିକ ଅର୍ପଣ କରେ ନେଇ ଫୁଲ ହାର
ପ୍ରେମିକାର ଗଳେ ।

ଜୀବନର ପ୍ରତି ସମୟେ ଜନମଠୁଁ ମୃତ୍ୟୁ
ମିଳନଠୁଁ ବିରହ ଦୁଃଖସୁଖ ସବୁରି ସମ୍ବେଦକ
ଏହି ସୁମନର ହାର
ସମସ୍ତଙ୍କ ପ୍ରିୟ ଅତି ଆଦରର
ଅତି ଅନ୍ତରର ଗରିବ ଧନୀ ସଭି ଜନର ।

ଜୟପୁର (କୋରାପୁଟ )

# କିଏ

ଶକୁନ୍ତଳା ପଣ୍ଡା



ଅଥଳ ସାଗରେ ଉଠିଛି ଦୁର୍ବାଦଳ
କିଏ ଉପାଡିବ ଧର୍ମର ହାଥେ
ପଙ୍କିଳ ଅଟେ ଯହିଁ ସେ ରସାତଳ ॥

ଦୁଃସହ ଜୀବନେ ଦୁର୍ମୂଲ୍ୟ ସେ ସମୟ
କିଏ ଘେନିଯିବ ଶାନ୍ତିର ପଥେ
ରହିଛନ୍ତି ଯହିଁ ପ୍ରଭୁ ନିରାମୟ ॥

ଜୀବନ ମରୁଭୂମି ବାଲୁକାରେ ଗ୍ରସ୍ତ
ବାଆ ସାଜି କିଏ ଉଡାଇ ଦେବ
ଚଲାପଥ ଯହିଁ ଅଟେ କଣ୍ଟକିତ ॥

ଫୁଟିଛି କମଳ ସପନର ସାଗରେ
କିଏ ତୋଳି ଦେବ ସାତ୍ତ୍ୱିକ ସାଜି
ନାସ୍ତିକ ଯହିଁ ଚାଲଇ ଖରତରେ ॥

ତେଣୁ ଶୁଣ ଥରେ କାନଡେରି ଜୀବନେ
ଶାନ୍ତିର ସୁତ ସେ ଧର୍ମର ଦୂତ
କହୁଛି ଯହିଁ ଅଶ୍ରୁଭରା ନୟନେ ॥

ଭୁବନେଶ୍ୱର

# ଋତୁରାଜ



**ପଣ୍ଡିତ ବାସୁଦେବ ସାହୁ**

ଦେଖ ଏ ଋତୁରାଜ ବସନ୍ତ ଶୋଭା
ଜଳ-ସ୍ଥଳ ଆକାଶ କି'ମନଲୋଭା
ନବବଧୂ ପ୍ରାୟକ ଗଭାମଣ୍ଡିତ
ବିବିଧ ଫୁଲ ଫଳେ ରୂପ ସଜ୍ଜିତ ।୧

ମନ୍ଦମନ୍ଦ ବହୁଛି ମୃଦୁ ମଳୟ
କାନ୍ତ ବିଚ୍ଛେଦେ କାନ୍ତା ପ୍ରାଣ ଅଥୟ
ଆମ୍ର ବକୁଳ କୁଞ୍ଜେ କାକଳି ସ୍ୱର
କ୍ଳାନ୍ତ ପଥିକ ଶ୍ରମ କରେ ସେ ଦୂର ।୨

ଭୀଷଣ ଶୀତ ତାପ ନାହିଁ ପ୍ରଖର
ସକଳ ଜୀବଙ୍କର ଭାରି ଆଦର
ଦୋଳପରବ ହୋଲି କେଡେ ସୁନ୍ଦର
ରଙ୍ଗଖେଳନ୍ତି ନାହିଁ ଆପଣାପର ।୩

ଦ୍ୱାରଦ୍ୱାର ବୁଲନ୍ତି ଦୋଳେ ଗୋବିନ୍ଦ
ଭୋଗ ଖାଆନ୍ତି ପ୍ରଭୁ ରାଧାମାଧବ
ପଲ୍ଲୀରୁ ଦିଲ୍ଲୀ ଯାଏ ଯାତ୍ରା ସର୍ବତ୍ର
ଭାଇଚାରାର ପର୍ବ କରେ ଏକତ୍ର ।୪

ଚମ୍ପା ମଲ୍ଲୀ ମାଳତୀ ଗେଣ୍ଡୁ ଟଗର
ରଜନୀଗନ୍ଧା ଯାଇ ଯୂଇ ମନ୍ଦାର
ଦେଖ ଏ କୃଷ୍ଣଚୂଡ଼ା କି' ମନୋହର
ତଡାଗେ ବିକଶିତ ଶ୍ୱେତକମଳ ।୫

ଲଉଡି ଖେଳୁଛନ୍ତି ଗୋପାଳବାଳ
ରାଧାକୃଷ୍ଣ ଯୁଗଳ ମୂର୍ତ୍ତି ସୁନ୍ଦର
ଧାଡ଼ିଧାଡ଼ି ବସିଛି ବିପଣୀମାଳ
ଯାତ୍ରା ଦେଖିବା ଲାଗି ଜନଗହଳ ।୬

କୁମ୍ଭାଟୁଆ ରାବୁଛି ମହୁଲ ବୃକ୍ଷେ
ନିମ୍ବ ଫୁଲ ପଡ଼ିଛି ଧରଣୀ ବକ୍ଷେ
ପ୍ରକୃତି ରାଣୀ ସତେ ନବଯୁବତୀ
ଅଙ୍ଗ ଅଙ୍ଗନେ ଭରି ରଖିଛି ପ୍ରୀତି ।୭

ଖୋର୍ଦ୍ଧା

# ରିକ୍ସା ବାଲା



ଚିନ୍ମୟ ପୋଲାଇ

ସାଇକେଲ ରିକ୍ସା ଟାଣି ଟାଣି
ସକାଳରୁ ସଞ୍ଜ ହେଉଥିଲା
ଅବା ରାତିର ନିରୋଳା ପର୍ଯ୍ୟନ୍ତ
ଅଧିକ ଦି ପଇସା ପାଇଁ
ଗର୍ଦ୍ଦଭ ଖଟଣି ।।
ପିଲାଙ୍କ ଚାହିଦା ଭିତରେ
ପୀଡ଼ିତା ପତ୍ନୀର ଜିଜୀବିଷା
ଛୋଟିଆ ଉତରୀୟ କୁ ନେଇ
ଢାଙ୍କି ପାରୁନଥିଲି ମୁଁ
ଲମ୍ବ ଜଞ୍ଜାଳକୁ
ସତେ ଯେମିତି ବିମୁଖ ହୋଇଥିଲା
ମୋ ସୌଜନ୍ୟର ଲଜ୍ୟା ଆସ୍ତରଣ ।।

ଅଟୋ ରିକ୍ସାର ପ୍ରାବଲ୍ୟ ବୋଲି
ଦଦରା ହୋଇଛି ମୋ ରିକ୍ସା
ବୟସ ବି ସରି ଆସିଲାଣି
ପତ୍ନୀ ଏବେ ନାହାନ୍ତି ଜୀବନେ
ପିଲାଏ ଯିଏ ଯା' ସ୍ୱାର୍ଥରେ
ଭୁଲି ଯାଇଛନ୍ତି ପିଅର ଆସ୍ୱର୍ଦ୍ଧା
ଏ କାଳେ ମୁଁ ନିଃସ୍ୱ ମୃତଦାର ।।

ମନେପଡେ ବିଗତ ସନ୍ଧ୍ୟା ସବୁ
ମହାନଦୀ ଅବବାହିକାରୁ
ଭାସି ଆସୁଥିବା ମୁକ୍ତ ପ୍ରଭଞ୍ଜନ
ପରିବାରର ମମତା ଉଦ୍ୟାନରେ
ଖେଳି ଯାଉଥିଲା ଗଂଗ ଗୟସର'
ଏକ ଅପୂର୍ବ ସ୍ପନ୍ଦନ
ବିମୋହିତ ହେଉଥିଲେ ସବୁ
ଖାଉଥିଲେ ଚାଟ୍ ଓ ଗୁପଚୁପ ।।

ବନ୍ଧୁମାନେ ସବୁ ଦୂର ବିଗମ୍ୟ
କିଏ କୁଆଡେ ସବୁ ଗଲେଣି
ସତରେ କି ଅବାଧ ମେଳଣି
କର୍ମ ମଧ୍ୟୁ ମିଳିଲେ ବିରତି
ଦେଖିବି ବୋଲି କାହାକୁ
ହୁଏ ମୁଁ କେତେ ନିରାକୁଳ
କିନ୍ତୁ ଦେଖି ପାରେନା ମୁଁ କାହାରିକୁ
ଏ ଜନାକୀର୍ଣ୍ଣ ରୌପ୍ୟ ନଗରୀରେ
ଖାଲି ବାହୁନି ହୋଇ'
ଖୋଜେ ସେ ଅତୀତକୁ
ହାତେ ଧରି ବିଦୀର୍ଣ୍ଣ ଚାଚିକା ।।

ଗ୍ରା/ପୋ : କେ. ନୂଆଁଗଡ଼,ଭାୟା : ଗାଙ୍ଗପୁର
ଜିଲ୍ଲା : ଗଞ୍ଜାମ

# ଏ ତ ଅଟେ ଜୀବନ ନାଟକ



ତ୍ରିନାଥ ପଟ୍ଟନାୟକ

ଏଇତ ଅଟେ ଆମ ଜୀବନ ନାଟକ
କ୍ଷଣ କ୍ଷଣକେ ଆନ
କିଏ ସେ ନାୟକ କିଏ ସେ ନାୟିକା
କ୍ଷଣସ୍ଥାୟୀ ଜୀବନ ।।

କିଏ ସେ ଦର୍ଶକ ସାଜେ ଦେଖଇ
ବସି ମଞ୍ଚ ଭିତରେ
ଅଭିନୟ ଯେ କିଏ ସାଜେ କରଇ
କେଉଁ ରଙ୍ଗମଞ୍ଚରେ ।।

ମଞ୍ଚ ସଞ୍ଚାଳକ କିଏ ସେ ସାଜଇ
ସେହି ମହାନାୟକ
ଅଭିନୀତ ହୁଏ ଏ ମଞ୍ଚ ସଂସାରେ
କହ କେଉଁ ନାଟକ ।।

ଅଭିନବ ଏ ଧରା ରଙ୍ଗମଞ୍ଚ
ଅଭିନବ ଅଟେ ନାଟକ
ମହାନାୟକ ସେ ଅଟେ ବିଧାତା
ସୁଖ ଦୁଃଖ ଏଠି ଅନେକ ।।

ରଙ୍ଗମଞ୍ଚ କ୍ଷଣିକ ଏ ଜୀବନ ନାଟକ
କେତେ ହସ କେତେ ଗୀତ
ହସି ହସେଇବା ପଲକେ ଲୁଚାଇ ଲୁହ
ସାଜି ପରଦା ପଛର ହାତ ।।

ଶିକ୍ଷକ କଲୋନୀ, ଗାନ୍ଧୀ ନଗର, କୋରାପୁଟ

# ଅତୀତ ଦିନର ସ୍ମୃତି



ଛବିରାଣୀ ପତି

ଭସା ବାଦଲରେ ଭାସିଗଲା ମୋର
ଅତୀତ ମଧୁର ସ୍ମୃତି
ଦିଗହରା ହୋଇ ପଥ ଅଣ୍ଡାଳୁଛି
ନାହିଁ ମୋ' ଜୀବନ ସାଥୀ ।

ସମୟ ବାହାନେ ପ୍ରଜାପତି ପରି
ଉଡିଗଲା ଉପବନୁ
ଜୀବନ ବଗିଚା ମରୁଦ୍ୟାନ ଆଜି
ବଞ୍ଚି ପାରୁନି ତା' ବିନୁ ।

ବନ୍ଧନ ଅର୍ଗଳୀ ପାଖୁ ଦେଲା ପେଲି
ସମ୍ପର୍କ ହାଟର ଭିଡେ
ସବୁ ଆପଣାର ଲାଗୁଛନ୍ତି ପର
ବିରହ ପ୍ରେମର ନିଡ଼େ ।

ସୁଧୁରି ଯାଉ ଏ ' ପରିସ୍ଥିତି ସବୁ
ସେ ପାଖକୁ ଆସନ୍ତୁ ଫେରି
ପ୍ରଭୁ କୃପା କର ହେ, କରୁଣା କର
ପୟରେ ଏଥି ଗୁହାରି ।

ସାଥୀ ବିନା ଜୀବନ ଦୁର୍ବିସହ ଲାଗେ
ନିଃଶ୍ୱାସ ଫେରୁନି ଆଉ
ମୋ' ପଣତ ସୁଖ ଫେରାଅ ହେ, ମୋତେ
ବିଶ୍ୱାସ ସୁଦୃଢ଼ ରହୁ ।

ମଧ ଶାସନ, ବିରିଡ଼ି ,ଜଗତସିଂହପୁର

# ସୁନାପିଲା ହୋଇବା

ବ୍ରଜେଶ୍ୱରୀ ସିଂ

ଚାଲିବା ଚାଲିବା ଆମେ
ବାମ ପଟେ ଚାଲିବା
ବାମ ପଟେ ଚାଲି ଆମେ
ନିୟମକୁ ମାନିବା ।
ଶିଖିବା ଶିଖିବା ଆମେ
ଭଲ କଥା ଶିଖିବା
ଭଲ କଥା ଶିଖି ଆମେ
ଜ୍ଞାନ ଅରଜିବା ।
ପଢିବା ପଢିବା ଆମେ
ମନ ଦେଇ ପଢିବା
ଭଲ ପାଠ ପଢି ଆମେ
ଦେଶ ନାଁ ରଖିବା ।
ଖାଇବା ଖାଇବା ଆମେ
ଭଲ ଖାଦ୍ୟ ଖାଇବା
ଭଲ ଖାଦ୍ୟ ଖାଇ ଆମେ
ସୁସ୍ଥ ନିଜେ ରହିବା ।
ମାନିବା ମାନିବା ଆମେ
ମାଆ କଥା ମାନିବା
ମାଆ କଥା ମାନି ଆମେ
ସୁନା ପିଲା ହୋଇବା ।

ଶିଶୁ ସାହିତିକା ତଥା ସଂପାଦିକା
" ବଉଳଫୁଲ "
ସା - ଭଟିଆ , ପୋଷ୍ଟ - ଯାଜପୁର ରୋଡ

# ବିରହୀ ସ୍ୱନ



ଆଶୁତୋଷ ମେହେର

ସ୍ମୃତି ଗାଲିଚାରେ କାହା ପାଦଛବି
ଖୋଜିବୁଲେ ମୋ'ର ମନ,
ଫଗୁଣ ଆକାଶେ ହସଭରା ମୁହଁ
ସତେକି ପୁନେଇଁ ଜହ୍ନ!! ||୦||

ବଉଳ ବାସନା ବାଇ କରେ ମନ
କୋଇଲିର କୁହୁ ତାନ,
ପତ୍ର ଉହାଡ଼ରେ ବିରହୀ ପରାଣ
ଲୁଚି କରେ ଅଭିମାନ,
ଭଲ ଲାଗେ ସତେ ଏଇ ପ୍ରେମ ଖେଳ
ମନେ ଛାପେ ପ୍ରୀତି ଚିହ୍ନ.......||୧||

ଖୋଜି ବୁଲି ଏବେ ଶୁଣିଲି ପ୍ରିୟାର
ପାଉଁଜିର ରୁଣୁଝୁଣୁ,
ଫୁଲ ଓଠେ ହସ ରଙ୍ଗ ମହକର
ହଜିଯିବ ନାହିଁ ମନୁ,
ଗହୀର ସୁର ସେ ତଥାପି ବେସୁରା
ବିରହୀ ମନର ସ୍ୱନ......||୨||

୫୪, ଆର୍ଯ୍ୟପଲ୍ଲୀ, କିଟଛକ, ପଟିଆ
ଭୁବନେଶ୍ୱର

# ଫେରନ୍ତା ଚୈତ୍ର



ବିଜୟ କୁମାର ଜେନା

ନୂଆ ପବନର କୁଆପଥରରେ
ବାଇଗଣୀ ଫୁଲ ଥରେ,
ଝରି ଯାଉଯାଉ ଧରି ରହିଛି ସେ
ସବୁଜ ପତର ଧାରେ।

ଗୋଲାପୀ ସକାଳ ଅଟକି ଯାଇଛି
ଫୁଲରେ ଘାରିଛି ମନ,
ମଧୁ ଲୁଟୁଛନ୍ତି ମଧୁକର ଦଳ
ଶୁଭେ ଗୁଣୁଗୁଣୁ ଗାନ।

ଆଜି ସକାଳେ ଏ ଚଗଲା ଚଇତ
ଧବଳ ସରଳ ଶାନ୍ତ,
ଅଥଚ ମଉନୀ ମଇନା କାହିଁକି
ଅଧୀରେ ଖୋଜୁଛି କାନ୍ତ।

ବେଣ୍ଟ ପୋଖରୀରେ ଅହ୍ୟ ସୁଲକ୍ଷଣୀ
ସଜ କୁସୁମର ପେଣ୍ଡା,
କୋହ ଭୁଲା କୁହୁ କୁହୁଡ଼ି ପଛକୁ
ସ୍ମୃତିର ସୂତାରେ ଗୁନ୍ଥା।

ଶିରିଶିରି ବାଆ ଶିରିଷ ଫୁଲର
ହାଲୁକା ପରଶ ଜାଣେ,
ଏଥର ଚଇତି ସୁଶୀଳ କୋମଳ
ବାଉଁଶରାଣୀକୁ ଶୁଣେ।

ବୟସୀ ବସନ୍ତ ବଉଳେଇ ସାରି
ଗଛରେ ଭରିଲା କଷି,
ଝରା ପତରରେ ପାଉଁଜି ପାଦକୁ
କାକଳି ଶବଦ ମିଶି।

ଘାସ ଫୁଲ ଘେରା ସଡକ ପଥରେ
ସକାଳ ସଜେଇ ଦିଅ,
ଶହେ ସହକାର ଭିତରୁ ଗୋଟିଏ
କଷିଆମ୍ବ ଖୋଲେ ମୁହଁ।

ମଝି ବସନ୍ତରେ ଅନେଇଲା ବେଳେ
ଘାସ ବି ସୁନ୍ଦର ଦିଶେ,
ଫୁଲର ରୋଶଣୀ ଫିକା ପଡ଼ିଗଲେ
ନୂଆ ସଜହେଇ ଆସେ।

ବସନ୍ତ ଫୁଟାଏ ଡାଳେଡାଳେ ଫୁଲ
ଲଗାଇ ମନରେ ନିଆଁ,
ଚଇତ୍ର ନବମୀ ଗହଳି ଲାଗିଛି
ମଇତ୍ର ଫେରିଛି ଗାଆଁ।

କଅଁଳିଛି ନୂଆ ସଜ ସବୁଜିମା
ସକାଳ ଦେଖୁଛି ମୁଁହ,
ଛଳଛଳ ଜଳ ବତୁରା ଚାହାଁଣି
ଭିଜାଇ ଦେଉଛି ଦେହ।

ଫୁଲ କହେ ଏବେ କାହା ମନ କଥା
କୋଇଲି କହୁଛି କୁହୁ,
ଭିଜା ସକାଳରେ ସଜ ସପନକୁ
ସଜେଇ ସାବନୀ ବହୁ।

ସୁନା ସକାଳର ବୟସ ନିଆଁରେ
ଫେରିବା ବେଳକୁ ଦାଗ,
ଫଗୁଆ ଭିତରେ ଅୟସ ନିଦରେ
ଅହେତୁକ ଅନୁରାଗ।

ପହିଲି ବୈଶାଖ ଫୁଲରେ ଡାଳରେ
ବସନ୍ତ ମହକ ଭରା,
ନୂଆ ପତରରେ ସବୁଜ ଧରଣୀ
ନିଦାଘ ଆଣିଛି ଖରା।

ବସନ୍ତ ଜଳୁଛି ଫୁଲ ଆଲୁଅରେ
ବହୁଦୁରେ ଅଛି ଗାଆଁ,
କେଉଁ ଦୋଷ ପାଇଁ କାଠରେ ଚଢ଼େଇ
କଣ୍ଟାରେ ଲେଖିଲେ ନାଆଁ।

ଦାମନଯୋଡି, କୋରାପୁଟ, ଓଡ଼ିଶା

# ସାଆନ୍ତେ ହେ...!!



**ସୁକାନ୍ତି ମିଶ୍ର**

ତୁମ ଲାଗି ସିନା ନିମରେ ଚନ୍ଦନ
ମଧୁପର ଓଠେ ମଧୁର ଗୁଞ୍ଜନ
ସକାଳଟି ବାଢେ କୋଟିଏ ପ୍ରଣାମ
ମୃଦୁ ସମୀରଣ ସିଞ୍ଚି ....
ଏ ମାଟିଘଟର ଆହେ ରୂପକାର
ମଉଳା ଦୀପର ଅଲିଭା ସ୍ୱାକ୍ଷର
ଦିଶାହରା ଏଇ ଜୀବନେ ଦେଇଛ
ଆବେଗର ମଧୁ ବିଞ୍ଚି .......
ହୁଏ ମୁଁ ତୁମକୁ ଝୁରି....
ନିରାଜନା କରେ ତବ ଅନୁରାଗେ
ଆଶାର ଦୀପାଳୀ ଜାଳି.....(୧)

ତୁମେ ହିଁ ତ ସୃଷ୍ଟି ତୁମେ ସମ୍ଭାବନା
ତୁମେ ପ୍ରତିଶ୍ରୁତି ପ୍ରୀତିର ଝରଣା
କେବେ ବିଶ୍ୱାସର ବିଶ୍ୱାବସୁ କେବେ
ଜିଜ୍ଞାସାର ବିଦ୍ୟାପତି...
ତୁମେ ଭାଗବତ ବେଦର ଓଁକାର
ତୁମେ ସର୍ବବ୍ୟାପୀ ପୁଣି ନିରାକାର
କେବେ ଦୃଶ୍ୟ ପୁଣି କେବେ ଦୃଶ୍ୟାନ୍ତର
ଧନ୍ୟ ତୁମେ ବିଶ୍ୱଶିଳ୍ପୀ....
ଚରଣେ ଶରଣ ପାଇଁ ....
ଲୁହରେ ପଖାଳି ଶ୍ରୀ ରଙ୍ଗାଚରଣ
ନିଉଛାଳି କରେ ମୁହିଁ......(୨)

"ସମ୍ପର୍କ"
ସାରସ୍ୱତ ନଗର, ସିଦ୍ଧ ମହାବୀର, ପୁରୀ-୨

# ପଥରଟିଏ ସେ ଫୁଲ

ତାରାପ୍ରସାଦ ଜେନା



ପଥରଟିଏ ସେ ଫୁଲ ହୋଇଯାଇ
ଧାରଣା ମୋ ଚହଟିଲା
ପୁଣ୍ୟ ଭାବନାରେ ପାପର ନଜର
ଯେତେ ସବୁ ଧୋଇଦେଲା
.........ପଥରଟିଏ ସେ ଫୁଲ ହୋଇଯାଇ
ଧାରଣା ମୋ ଚହଟିଲା ! ୦ !

ପଥରର ପ୍ରିୟା ନିର୍ଜୀବ ଭାବିନି
ଆତ୍ମାକୁ ପାଇଛି ସତେ
ଆଖିର ଭିତରୁ ଭଲ ପାଇବାର
ପାଠକୁ ପଢ଼ିଛି କେତେ
ମଉନାବତୀର ରାଗ ଅନୁରାଗ
ଅନ୍ତରକୁ ଛୁଇଁଗଲା
.........ପଥରଟିଏ ସେ ଫୁଲ ହୋଇଯାଇ
ଧାରଣା ମୋ ଚହଟିଲା ! ୧ !

ପଥର ଦେହରେ ଆକାଶୀ ମେଘକୁ
ଗୁଡ଼େଇ କରିଛି ଶାଢ଼ି
କଳାନାଗ ବେଣୀ ଜୁଡ଼ାରେ ଖୋସିଛି
ତାରାଫୁଲ ସଜ କଢ଼ି
ଘଡ଼ିଏ ଦେଖିଲେ ପେଟ ମୋ ପୂରୁଛି
ଓଠ ଛୁଆଁ ମନ ହେଲା
.........ପଥରଟିଏ ସେ ଫୁଲ ହୋଇଯାଇ
ଧାରଣା ମୋ ଚହଟିଲା ! ୨ !

ପଥରଟେ ବୋଲି କେହି କହିବନି
ବୁଝିଚି ମୁଁ ତାର ମନ
ସିଏ ମୋ ସୁନ୍ଦରୀ ଶାନ୍ତିର ଘରରେ
ଅକଳନ୍ତି ସୁଖ ଧନ
ତାର ଚାଲି ହଲି ପାରୁନାହିଁ ଭୁଲି
ଖିଆଲରେ ଯାହା ଥିଲା
.........ପଥରଟିଏ ସେ ଫୁଲ ହୋଇଯାଇ
ଧାରଣା ମୋ ଚହଟିଲା ! ୩ !

ସା.-ରଣପୁର( ଗୋଡ଼ିପାଟଣାସାହି),
ଡାକ-ରାଜରଣପୁର, ଜିଲ୍ଲା-ନୟାଗଡ଼

# ଯାଯାବର ମନ



**ରମେଶ ମଙ୍ଗରାଜ**

ଯାଯାବର ମନ ବାଟ ଭୁଲିଯାଇ
ଠିକଣା ହଜେଇ ଦେଇଛି
ମନ ଖୋଜୁଥିବା କେହି ଜଣେ ତାକୁ
ଆପଣାର କରି ନେଇଛି।୦।

ଖେଳୁଥିଲା ଦିନେ ସମୟ ସାଥିରେ
ମନର ନାୟିକା ଖୋଜି
ରାତିର ଅନ୍ଧାର ଆଖିର ସପନ
କେବେଠୁ ଯାଇଛି ହଜି

ଅତୀତର ସ୍ମୃତି ଆଜି ତ ଅଭୁଲା
ଛାତି ତଳେ ଛପି ରହିଛି
ଯାଯାବର ମନ ବାଟ ଭୁଲିଯାଇ
ଠିକଣା ହଜେଇ ଦେଇଛି।୧।

ଯାଇଥିବା ଦିନ ଲେଉଟିବ ନାହିଁ
ନୂଆ ରଂଗ ରୂପ ନେଇ
ଫେରିବନି କେବେ ହଜିଲା ଫଗୁଣ
ଯାଯାବର ମନ ପାଇଁ

ତଥାପି କେହି ତ ଆପଣାର ଜଣେ
ଏବେ ବି ସେମିତି ଚାହିଁଛି
ଯାଯାବର ମନ ବାଟ ଭୁଲିଯାଇ
ଠିକଣା ହଜେଇ ଦେଇଛି।୨।

କବି ଓ କବିତା ଭବନ
ମହୁଲ, ଅଙ୍ଗାରପଡା, ଖୋର୍ଦ୍ଧା-୭୫୨୦୫୪

# କବିତା ଓ ତୁମେ

ଜିତେନ୍ଦ୍ର ନାୟକ

ତୁମେ ମୋର ଖରା, ବର୍ଷା, ଶୀତରାତି
ତୁମେ ମୋର ବିମୁଗ୍ଧ ବସନ୍ତ,
ତୁମେ ପୁଣି ମାୟାମୃଗ, ସୁବିସ୍ତୃତ ବେଳାଭୂମି-
ଦୂରରୁ ଦିଗନ୍ତ ।
ସ୍ମରଣରେ ଆବିର୍ଭୂତ ହୁଅ ତୁମେ,
ବାରବାର ଅପରୂପା ହୋଇ
ଦେବୀ ମୋର/ପ୍ରିୟା ମୋର........
ଲକ୍ଷେ ଚମ୍ପା ରଖିଛି ମୁଁ
ହୃଦୟରେ ତୁମ ପୂଜା ପାଇଁ
ତୁମେ ଆସ ସ୍ମୃତି ହୋଇ,
ସ୍ୱପ୍ନରେ ବା ସଶରୀରେ.....
ଥରେ ମାତ୍ର ଆସ;
ବହୁ ନୀରବତା ପରେ
ତୁମକୁ ଦେଖିଲେ ଥରେ
ଦୂର ହେବ ଜୀବନର ସବୁ ଦୀର୍ଘଶ୍ୱାସ ।
ଯା' ପରେ ହୁଏତ, ଆଉ କବିତାରେ ଦେଖିବିନି
ତୁମକୁ ମୁଁ ସ୍ୱପ୍ନ ବା ସ୍ମୃତିରେ,
ତୁମ ଛବି ଆଂକିବି ମୁଁ ଅବଶିଷ୍ଟ ଦିନ ପାଇଁ
ମୋ' ଆଖିର ନୀଳ ଦର୍ପଣରେ ।।

ସାକ୍ଷୀଗୋପାଳ, ପୁରୀ

# ଦେବୀ



ସୌମ୍ୟାଶ୍ରୀ ପଣ୍ଡା

ବଡ଼ିଭୋରରୁ ରାତିଅଧ ପର୍ଯ୍ୟନ୍ତ,
ଲିପାପୋଛା, ରନ୍ଧାବଢ଼ା
ଦିଅଁ ପୂଜା, ଶାଗ ପଟାଳିରେ ପାଣି ମଡ଼ା
ଦୁନିଆ ଯାକର ଜଞ୍ଜାଳ,
ସେ କିନ୍ତୁ ଖୁବ ସତେଜ
ଶୀତୁଆ ସକାଳର
କାକରଭିଜା ସଜଫୁଲଟେ ପରି,
ଅହରହ ଚଳଚଞ୍ଚଳ
ଚିରସ୍ରୋତା ନଦୀଟିଏ ଭଳି।

ବଡ ଆଶ୍ଚର୍ଯ୍ୟ ଲାଗେ !
କେମିତି ସେ,
ଏକାଠି ବାନ୍ଧି ରଖିପାରେ
ଏତେଗୁଡ଼ା ମଣିଷମାନଙ୍କୁ
ମମତାର ସୂତାଖିଅରେ
ସମସ୍ତେ ଜାକିଜୁକି ହୋଇ
ଆଉଜି ଯା'ନ୍ତି
ତା'ର ମାଟିଭିଜା
ଦରଓଦା ବହଳିଆ ପଣତକାନି ତଳେ,

ତମାମ ଜୀବନ,
ମୁଠାମୁଠା ଯନ୍ତ୍ରଣାକୁ,
ଛାତି ଭିତରେ କବର ଦେଇ
ଅନ୍ୟ ପାଇଁ ହସୁଥାଏ,
ମେଞ୍ଚା ମେଞ୍ଚା କୋହ ସବୁ
ଲୁହ ହୋଇ,
ନିଗିଡି ଯିବା ପୂର୍ବରୁ
ଆଖିର ପାଣିକୁ
ଆଖିରେ ହିଁ ମାରିଦିଏ।

କେତେ ରାତି ଉଜାଗରେ ପାହିଛି
କାହାର ନିଘା ନାହିଁ,
କେତେବେଳେ କାହା ମୁଣ୍ଡ ଆଉଁସୁ ଥାଏ
ତ' କେତେବେଳେ,
ଚଉରା ମୂଳେ
ଅଖଣ୍ଡ ଦୀପଜାଳି
ତା' ଛୋଟିଆ ପୃଥିବୀ ପାଇଁ
ଶୁଭ ମନାସୁଥାଏ।

ସେ ବେଶୀ ପାଠୋଇ ନୁହେଁ,
ମାତ୍ର,
ସଂସ୍କାର, ଶୃଙ୍ଖଳା
ତ୍ୟାଗ ତିତିକ୍ଷାର ବର୍ଣ୍ଣବୋଧ
ତାର ମୁଖସ୍ଥ,
ଠେକିଏ ଚାଉଳ,
ଚିଡେଇଏ ଶାଗରେ
ପରିବାର ଚଳେଇବାରେ
ସେ ସିଦ୍ଧହସ୍ତା.....

ସେ ତ' ମମତାର ମନ୍ଦାକିନୀ
ସ୍ନେହ ପ୍ରେମର ନିର୍ଝରିଣୀ,
ଜୀବନର ଶୁଷ୍କ ମରୁରେ
ସର୍ଜନା କରିପାରେ ସେ,
ସୁଖଶାନ୍ତିର
ସୁରମ୍ୟ ସବୁଜ ବନାନୀ,
ସୁପ୍ତ ମନରେ,
ଜଳାଇ ଦିଏ ସେ,
ଆଶା, ବିଶ୍ୱାସର ବହ୍ନି।

ମନ୍ଦିରର ପାଷାଣ ମୂର୍ତ୍ତି ପରି
ସେ ଏକଦମ ଶାନ୍ତ ସରଳ
ନୀରବ ନିଶ୍ଚଳ।
ସତରେ ସେ
ସାଧାରଣ ମାନବୀ ନୁହେଁ,
ମାଆ ରୂପରେ ସାକ୍ଷାତ ଦେବୀ ।

ପ୍ରଧାନ ଶିକ୍ଷୟିତ୍ରୀ (ଓଡ଼ିଶା ଶିକ୍ଷା ସେବା)
ନରସିଂହପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,
କଟକ

# ଜୀବନର ଚିତ୍ର



ରଞ୍ଜିତା ମିଶ୍ର

ଦୁଃଖକୁ କରିଛି ହୃଦୟ କବଚ
ଯନ୍ତ୍ରଣାକୁ ଶିରସ୍ତ୍ରାଣ
ଶୋକକୁ କରିଛି ତୀକ୍ଷ୍ଣ ନାରାଚ
ଖଡ୍ଗ ଅଲୋଡ଼ା ପଣ ।

ବେଦନା ଯେତେକ ପାଟଶାଢୀ ମୋ'ର
ଯାତନା ପାଦ ପାଉଁଜି
ହତାଦର ମୋ'ର ହାତର କଙ୍କଣ
ଅବିଶ୍ୱାସ ସବୁ ପୁଞ୍ଜି ।

ନିର୍ଯ୍ୟାତନା ମୋ' କପାଳର ଚିତା
ବିରାଗ ଗଜରା ମାଳ
କ୍ରୋଧ ଆକ୍ରୋଶରେ ଲାଲିମା ଅଧର
ସନ୍ଦେହ ଆଖି କଜଳ ।

ଆଶାକୁ ହରେଇ ନିରାଶାକୁ ମୁଁ ଯେ
କରିଅଛି ଚନ୍ଦ୍ରହାର
ସଂସାରେ ଥାଇ ବି ସବୁବେଳେ ଭାବେ
ମୋହ'ର ଏ କାରାଗାର ।

ଏ ସବୁକୁ ନେଇ ଲେଖୁଛି କବିତା
ଲୁହକୁ କରିଛି କାଳି
ଜୀବନର ଚିତ୍ର ଆଙ୍କୁଛି ବସି ମୁଁ
ଲହୁରେ ବୁଡ଼େଇ ତୂଳୀ ।

ବଇଣ୍ଡା, ଅନୁଗୁଳ

# ଓଡ଼ିଆ ଆଉ ଓଡ଼ିଶା



**ଦିବାକର ନାୟକ**

ଓଡ଼ିଆରେ ପଢୁଥିଲି
ଓଡ଼ିଆରେ ଲେଖୁଥିଲି
ଭଲ ପାଉଛି ପାଇବି ମାଆର ଭାଷାକୁ
କାମ କଲି ବିଦେଶରେ
ମନ ଥିଲା ସ୍ୱଦେଶରେ
ଏବେ ମୁଁ ଫେରିଛି ମୋର ପ୍ରିୟ ଓଡ଼ିଶାକୁ (୦)

ଆକାଶ ଛୁଆଁ ସେଠିକା କୋଠା
ସାତ ସପନ ଏଠି
ହେଲେ ମୋ' ଗାଆଁ ଛଣ ଘରେ ମୁଁ
ପାଏ ଟିକିଏ ଶାନ୍ତି ।

ବାଡ଼ି ବଗିଚା ପନିପରିବା
ଭାରି ସୁଆଦ ମୋତେ
ଗାଆଁ ବନ୍ଧରେ ମାଛ ଧରିବା
କାହିଁରେ ଖୁସି କେତେ ।

ଭୁଲି ପାରେନା ମୁଁ କେବେ
ଯେଉଁଠି ଥିଲେ ବି ଯେବେ
ମାଟି ମାଆର ମମତା ପାଣି ପବନକୁ..
ଓଡ଼ିଆରେ ପଢୁଥିଲି
ଓଡ଼ିଆରେ ଲେଖୁଥିଲି
ଭଲ ପାଉଛି ପାଇବି ମାଆର ଭାଷାକୁ (୧)

ଅନେକ ଭାଷା ଜାଣିଛି ହେଲେ
ଓଡ଼ିଆ ଲାଗେ ଭଲ
ଆନ ଲୋକେ ବି ଓଡ଼ିଆ ଶିଖି
ବୁଝନ୍ତୁ ଟିକେ ମୂଳ ।

ଭାଗବତ ସେ ସ୍ତୁତି ମାଳିକା
ପାଞ୍ଜି ଅମରକୋଷ
ଜ୍ଞାନ ବିଜ୍ଞାନ ଭରା ଏ ପୋଥି
ଜାଣେ ଏ ସାରା ବିଶ୍ୱ ।

ଇଷ୍ଟ ମୋର ଜଗନ୍ନାଥ
ସଭିଙ୍କୁ ଦେଖାଏ ପଥ
କେଡ଼େ ମହାନ ଏ ମାଟି ଯୁଗରୁ ଯୁଗକୁ
ଓଡ଼ିଆରେ ପଢୁଥିଲି
ଓଡ଼ିଆରେ ଲେଖୁଥିଲି
ଭଲ ପାଉଛି ପାଇବି ମାଆର ଭାଷାକୁ (୨)

ପାଟପୁର, କନିସି, ଗୋଳନ୍ଥରା, ଗଞ୍ଜାମ

# ସାବଧାନ

କାହ୍ନୁ ଚରଣ ମିଶ୍ର



କୁଆଡେ ଲୁଚିଛି କେଉଁଠୁ ଆସୁଛି
ପୁଣି ଏ କରୋନା ରୋଗ
ଦିଲ୍ଲୀ ଆଡେ ଏବେ ମାଡୁଅଛି ବେଗେ
ରଖିଅଛି ତାର ରାଗ
ଚାଇନା ଦେଶରେ ସାଙ୍ଘାଇ ସହରେ
ସାଙ୍ଘାତିକ କରୁଅଛି
ଗୃହ ବନ୍ଦୀ ହୋଇ ଲୋକେ ରହିଛନ୍ତି
ଖାଦ୍ୟ ଅଭାବ ଘାରିଛି ।
ତାଙ୍କ ସରକାର କରିଛନ୍ତି କଡା
ଲକ୍ ଡାଉନ ନିୟମ
ଯିଏ ନମାନିବ ଅମାନିଆ ହେବ
ଖାଇବ ମାଡ ନିର୍ଭ୍ରମ ।

କରୋନାର ଗତି ବଦଳାଏ ମତି
କେବେ କେଉଁ ରୂପ ଭାବେ
ବେଳ ଥାଉ ଥାଉ ହୋଇଲେ ସତର୍କ
ପଶି ପାରିବନି କେବେ ।
ମୁଖରେ ସମସ୍ତେ ମାସ୍କକୁ ପିନ୍ଧନ୍ତୁ
ଅଭ୍ୟାସ ରଖନ୍ତୁ ଯାରି
ସାମାଜିକ ଦୂର ରଖିଲେ ନିଶ୍ଚୟ
କରୋନା ଯିବହିଁ ମରି ।
ସଚେତନ ହୋଇ ସତର୍କ ହୋଇବା
ଏହାହିଁ ମୁଖ୍ୟ ଔଷଧ
ଏହା ଠାରୁ ବଳି ଆଉ କିଛି ନାହିଁ
ରୋଗ ପ୍ରବେଶକୁ ରୋଧ ।

ଟାଙ୍ଗି ଖୋର୍ଦ୍ଧା

# ଆ... ଲେଖିବା କବିତାଟିଏ



ମନୋଜ ମିଶ୍ର

ମନ ଆଉ ମୁଣ୍ଡ କାଗଜ କଲମ
ଜଣେ ଆରକୁ କୁହେ
ଆ... ଲେଖିବା କବିତାଟିଏ ।

ତୁ ଯୋଡୁଥିବୁ ନୂଆ ନୂଆ ଶବ୍ଦ
ମୁଁ ସଜେଇବି ଧାଡି
ତୁ ମାଖୁଥିବୁ ଭାବର ରଙ୍ଗ
ମୁଁ ଧରିଥିବି ତୁଳି
ପ୍ରେମର ପ୍ରୀତିର ଭଲ ପାଇବାର
ଅଳଙ୍କାର ମାଖିଦେଏ
ସ୍ନେହ ଅନୁରାଗେ ହସୁଥିବ ସତେ
ସାଧବବୋହୂଟେ ସିଏ
ଆ... ଲେଖିବା କବିତାଟିଏ ।

କେବେ ତା ଓଠର ଚେନାଏ ହସ
କିଣିନେବ ସବୁମନ
କେବେ ଯନ୍ତ୍ରଣାରେ ଜର୍ଜରିତ ସେ
କେବେ ବା ଉଦାସୀ ଜହ୍ନ
କେବେ ସେ କଜ୍ଜ୍ୱଳ କେବେ ସେ କଲ୍ଲୋଳ
କେବେ, ନିରିମାଖି ନଇଟିଏ
କେବେ ତା ରୂପର ଅପୂର୍ବ ଲାବଣ୍ୟେ
ମୋହିତ ପ୍ରେମିକ ହାଏ
ଆ...ଲେଖିବା କବିତାଟିଏ ।

# ଅଦୃଷ୍ଟଙ୍କୁ ପ୍ରଶ୍ନ

**ସାରଙ୍ଗଧର ଷଡ଼ଙ୍ଗୀ**

ହେ ଈଶ୍ୱର! କେଉଁଠି ଅଛ
ମୋତେ ଟିକେ ଦେଖାଦିଅ
ମୋ ମନରୁ ସମସ୍ତ
ସଂଶୟ ଦୂର ହୋଇଯାଉ
ତୁମେ କାହିଁକି ଏ
ମଣିଷ ମାନଙ୍କୁ ଜନ୍ମ ଦେଇଛ
ଯେଉଁମାନେ ନିଜ ସ୍ୱାର୍ଥ ଛଡା
କିଛି ଜାଣନ୍ତି ନାହିଁ
ଏ ସମାଜରେ ଅଧର୍ମ,ଅନ୍ୟାୟ,ଅନୀତି
ଏକଛତ୍ରବାଦ ଶାସନ ଚାଲିଛି
ତା'ର ବିକଳ୍ପ କଣ ତୁମ ପାଖରେ ନାହିଁ
ତା' ହେଲେ ତୁମେ କି ଈଶ୍ୱର
ବୈକୁଣ୍ଠ ସମାନ ଅଟେ ସେହି ଘର
ପରସ୍ପର ସ୍ନେହ, ଶ୍ରଦ୍ଧା, ଭାବ
ଯହିଁ ଥାଏ ନିରନ୍ତର
ଏହା ତୁମେ ଜାଣିଛ
କେବଳ ଶାସ୍ତ୍ରରେ ଲେଖା ହୋଇ ରହିଛି
ରୋଗ, ବ୍ୟାଧି, ରକ୍ତର ତାଣ୍ଡବଲୀଳା
ବେଳକୁ ବେଳ ବଢି ଚାଲିଛି
ଜୋର ଯା'ର ମୁଲକ ତା'ର
ଏହା କଣ ତୁମ ବାଣୀ
ମାଙ୍କଡ ହାତରେ ଶାଳଗ୍ରାମ ଭଳି
ତୁମେ ଆଜି ମଣିଷ ହାତରେ
କାଠ ପୁତ୍ତଳି ସାଜିଛ
ଟିକେ ଆଖି ଖୋଲି ଦେଖ
କଳିଯୁଗର ମଣିଷମାନଙ୍କୁ
ଟିକେ ସଦବୁଦ୍ଧି ସଦଜ୍ଞାନ ଦିଅ
ଦୁଷ୍ଟ ନିବାରି ସନ୍ଥ ପାଳୁ
ତୁନାଥ ପରମ ଦୟାଳୁ
ଭାଗବତର ଏହି ବାଣୀ ସତ୍ୟ ହେଉ।

# ଜୀବନ ପଥ

ତ୍ରିଲୋଚନ ଦାସ



ଜୀବନ ପଥରେ
କେତେ ଯେ ମଣିଷ
ପରଖୁଛି ନିତିଦିନ
ଦେଖୁଛି ଅସଂଖ୍ୟ
ଅହିତ ଚିନ୍ତକ
ଜ୍ଞାନ ବିବେକ ହୀନ ।୦।

ଅନ୍ଧ ଗଳିରେ
ଦେଖୁଛି ଅନେକ
ହିଂସା-ଦ୍ୱେଷ, ଅହଂକାର
ଧନାଢ଼୍ୟ ପଣର
ଚର୍ଚ୍ଚା ଯେଉଁଠି
ଚାଲୁଥାଏ ବାରମ୍ବାର
ନିର୍ଦ୍ଧନର ଭାଗ୍ୟ
ନିଲାମ ହେଉଛି
ପୋଡ଼େ ନିରୀହର ମନ ।୧।

କାହିଁ ଏ ମଣିଷ
ମନରେ ଜାଗୁଛି
ଏତେ ଲୋଭ ମାୟା ମୋହ
ସୂଚ୍ୟଗ୍ର ମେଦିନୀ
ହାତେଇବା ପାଇଁ
ଦେଖାଏ ଯୁଦ୍ଧର ଭୟ
ଭୁଲି ସେ ଯାଇଛି
ଦେବାରେ ଆନନ୍ଦ
ପାଇବାରେ ନାହିଁ ପୁଣ୍ୟ ।୨।

ଶ୍ରୀବିହାର, ଖୋର୍ଦ୍ଧା

# ବସନ୍ତ ଗଲାଣି ଫେରି



**ନିଶିକାନ୍ତ କହଲସିଂହ**

ବସନ୍ତ ଗଲାଣି ଫେରି ଏଠି ଖାଲି ଖରା
ସେ ଖରାରେ ଜଳିଯାଏ ହୃଦୟ ବଖରା
ଶୀତ ସାରି କୁହୁଡ଼ିରେ ଗଲ ଯେ ଗଲ.........
ଆଉ, ଦେଲନି ଧରା ....ହାଏ....ଦେଲନି ଧରା ||୦||

ତୁମେ ଥିଲାବେଳେ ତୁମ ଦେହର ତାତି
ଦେଖି ଭ୍ରମ ହେଉଥିଲା ଖରାର ମତି,
ସେ ପାଇଁ ନଥିଲା ମୋ'ର ଖରାକୁ ଡର
ଖରା ଡରାଉଛି ତୁମେ ହେବାରୁ ପର,
ତୁମେ ଗଲା ପରେପରେ ନିଆଁ ଯେ ନିଆଁ........
ଏଇ, ଦୁନିଆ ସାରା.....ହାଏ....ଦୁନିଆ ସାରା ||୧||

ତୁମେ କି ଆସିବ ସତେ ଜୀବନେ ଆଉ
ଦେଖି ଭାଙ୍ଗିଯିବ ଏଇ ଖରାର ଭାଉ,
ଢାଳିଦେବ ମୋ' ଉପରେ ତୁମରି ତାତି
ସେ ତାତିରେ ଭିଜିଯିବ ମୋ' ଦିନରାତି,
ଜାଣେ, ଏ ସପନ ମୋ''ର ଉଆଁସେ ଜହ୍ନ .........
ଆଉ, ଦିନରେ ତାରା......ହାଏ......ଦିନରେ ତାରା.......||୨||

**ଲୋକିପୁର, ଗଡ଼ମାଣତୀର,**
**ଖୋର୍ଦ୍ଧା**

# ଆମେ ଚନ୍ଦ୍ରଭାନୁ-ଲାବଣ୍ୟବତୀ



**ଯମେଶ୍ୱର କହଲସିଂହ**

ତୁମେ ମୋ' ମନର
ପୂରୁବ ଆକାଶେ
ଉଇଁ ଆସୁଥିବା ସବିତା,
ଦରଦୀ କବି ମୁଁ
ତୁମ ହୃଦୟର
ତୁମେ ମୋ'ର ଗୀତି କବିତା ।

ହୁଗୁଳା ମନର
ହୁଗୁଳି ନଦୀ ମୋ'
ତୁମେ ବହିଗଲେ ଉଜାଣି
ପ୍ରୀତି ବନ୍ୟାରେ
ଭାସିଯାଏ ମୁଁ ଯେ
କାହିଁ କେତେଦୂର କେଜାଣି ।

ତୁମରି ତନୁର
ମାନଚିତ୍ର ଦେଖେ
ନିଇତି ଭୂଗୋଳ ପାଠରେ,
ତୁମ ମଧୁଝରା
ହସର ଝଲକ
ପୁନେଇ ଜହ୍ନର ଓଠରେ ।

ସବୁଜ ସୁନ୍ଦର
ଦଣ୍ଡକାରଣ୍ୟେ
ତୁମେ ଏକ ହେମହରିଣୀ,
ତୁମ ପାଇଁ ମୋତେ
ମୋ' ପାଇଁ ତୁମକୁ
ଗଢିଅଛି ବିଶ୍ୱ ବିଧାଣି ।

ତୁମେ ଝଟକୁଛ
ହୀରାଖଣ୍ଡ ସମ
ଅନ୍ଧକାରେ ଚଲାବାଟରେ,
ତୁମ ପାଦଚିହ୍ନ
ନିରେଖି ଦେଖେ ମୁଁ
ମୋ' ମନ ଗାଧୁଆ ତୁଠରେ ।

ତୁମେ ମୋ' ମନର
ପହିଲି ପୁଲକ
ମଧୁଝରା ମଧୁମାଳତୀ,
କିଏ ବା ନ ଜାଣେ
ଆମେ ଅଳି-କଳି
ଚନ୍ଦ୍ରଭାନୁ-ଲାବଣ୍ୟବତୀ ।

ଲୋକିପୁର, ଗଡ଼ମାଣତୀର, ଖୋର୍ଦ୍ଧା

# ଅରତୁ ମେଘ



**ବୈଦ୍ୟନାଥ ଖ୍ଲାର**

ଅଶ୍ରୁଣୀ ମେଘ
ଦେଖି ନଥିବା ମରୁଭୂମିର ଗପ ।

ବେଦୁଇନର ଯନ୍ତ୍ରଣାରେ
ପୁଲକିତ ସିଜୁଫୁଲ
ପେଣ୍ଠାପେଣ୍ଠା ପକ୍ୱ ଖଜୁର
ବୋଝବୋଝ ମହକ
ମାତାଲ୍ ଜହ୍ନରାତି ।

ଓଟର ଶୃଙ୍ଖଳା ଓଠରେ
ମୁଁ ଚାଟି ଚାଲିଛି ମୋ' ଦେହର ଝାଳ ।

ମରୁ ହ୍ରଦର କୂଳେକୂଳେ
ଉଛୁଳି ଉଛୁଳି ମୋତେ ବତୁରେଇ ଦେଉଛି
ମୋ' ଲୁହର ତତଲା ଶ୍ରାବଣ ।

ତୋ' ବନ୍ୟାରେ
ବୁଡିଯାଉଛି ଗାଁ ଓ ସହରର ଜାନୁ ।

ତମ୍ବୁ ତଳେ
ମିଛିମିଛି
ତିନି ତାରର
ତମ୍ବୁ ରାମହ୍ଲାର ।

ବରିଷ୍ଠ ଗୀତିକାର,
(ଆକାଶବାଣୀ, ଦୂରଦର୍ଶନ)
ଶଙ୍କରପୁର ଚାରବାଟିଆ, କଟକ

# ପ୍ରେମ ପରିଭାଷା

ସୁନନ୍ଦା ମହାନ୍ତି

ପ୍ରେମ ଏକ ପଦ୍ମବନ
ପୁଲକିତ ତନୁ ମନ
ହୃଦୟେ ଭରି କମ୍ପନ
ସମ୍ବେଦନ ଓ ନିବେଦନ
ପ୍ରେମ କେବେ ଜତୁଗୃହ
ପ୍ରତାରଣା ଭରେ କୋହ
ବୁନ୍ଦାବୁନ୍ଦା ଆଖି ଲୁହ
ଦେହ ଓ ଦାହ ମଝି ମୋହ
ପ୍ରେମ ଶୀତଳ ଚନ୍ଦନ
ଆଖିରେ ଭରି ସମ୍ମୋହନ

ଭରସା ଦିଗବାରେଣୀ ଚିହ୍ନ
କେବେ ପୁଣି ମଳାଜହ୍ନ
ପ୍ରେମ ଯେବେ ପ୍ରତାରଣା
ଭୁଲ ଠିକ ବୁଝାମଣା
ଖୋଜେ ପଥିକ ଠିକଣା
ବାଟରେ ଘାଟ ପାଉଣା
ପ୍ରେମ ଶାଶ୍ୱତ ନିର୍ମଳ
ଦର୍ଶନ ଦର୍ଶନୀ ଆଲୁଆଳ
ନାହିଁ ଆନ୍ଦୋଳନ ହରତାଳ
କେବଳ ଓଁର କାକତାଳ

ସାକ୍ଷୀଗୋପାଳ, ପୁରୀ

# ଇପ୍ସିତ ପୃଥିବୀ

ଡ. ସସ୍ମିତା ପଟ୍ଟନାୟକ

ଅମୃତଠୁ ଜହର
ଫୁଲଠୁ କଣ୍ଟା
ହସଠୁ ଲୁହ
କେବଳ ଏଇ ପୃଥିବୀରେ
ତଥାପି ବଞ୍ଚିବାର ଇଛା
ବେଲଗାମ ।

ସ୍ୱପ୍ନ ଉତୁରି ଆସେ
ବୈଶାଖୀର ସ୍ପର୍ଶରେ
ପାନ୍ଥଶାଳାର ଇସାରାରେ
ପ୍ରେମ ଛଳଛଳ ମନଟିଏ
ହାତ ପତାଇ କରୁଣା ମାଗେ
ବିଧାତାଙ୍କୁ........
ଆଉ କିଛି ଆୟୁଷ........
ଏ ତ ଜୀବନ
ସ୍ୱର୍ଗ ଓ ମର୍ତ୍ତ୍ୟର ତୁଳନା
ପ୍ରେମ ଓ ଛଳନା
କେବେ ପୁଣି ଶୁଖିଲା ନଈ
ପୁଣି କେବେ ଫୁଲେଇ ଯମୁନା ।

ବାସ୍........,
ଏମିତି ଦିନଟିଏ ବିତିଯାଏ
ସକାଳରୁ ସଂଜ
କା' ଭାଗ୍ୟରେ
ଅଧାପେଟ ପଖାଳ
କିଏ ଖୋଜେ ବିରିୟାନିରୁ ମାଂସ
ହଠାତ୍........
ଦିନେ ସବୁ ସମାନ ହୋଇଯାଏ
ନିମନ୍ତ୍ରଣ ପଠାଏ ମୃତ୍ୟୁ
ଶାଗଖିଆ, ପେଜଖିଆ, ମାଂସଖିଆ
ସବୁ ଏକାଠି ହୁଅନ୍ତି
ଇଞ୍ଚେ ଜାଗା ଅଧିକ ନେବାର
ସାହସ ନଥାଏ
ସେଇ ଛ' ଖଣ୍ଡି କାଠ
ଆଉ 'ରାମ ନାମ ସତ୍ୟ ହେ'ରେ
ସରିଯାଏ
ଇପ୍ସିତ ପୃଥିବୀ ର ନକ୍ସା ।

ଅଧ୍ୟାପିକା, ମହିଳା ମହାବିଦ୍ୟାଳୟ, ଖୋର୍ଦ୍ଧା

# ତୁମେ ଗଲା ପରେ



**ସତ୍ୟନାରାୟଣ ମଲ୍ଲିକ**

ତୁମେ ଗଲା ପରେ ସୁଖ ସବୁ ଝରେ
ଦୁଃଖ ଛୁଇଁ ଯାଏ ମାଟି
ମନ ଲେଖୁ ଥାଏ ତୁମ ପାଇଁ ସାଥୀ
ହୃଦୟରେ ଲକ୍ଷେ ଚିଠି ॥

ଆଖି ପଲକରେ ଟୋପାଟୋପା ଲୁହ
ଅକ୍ଷର ଭିଜାଉ ଥାଏ
କାଗଜ ଦେହରେ ତୁମ ମୁହଁ ଦିଶେ
ମାଟିରୁ ଆକାଶ ଯାଏ ॥

ତୁମ ନୀରବତା ଛାତି ତଳ କଥା
ପ୍ରେମର କବିତା ଭଳି
ରାତି ଶୋଇଗଲେ ଗହନ ନିଦରେ
ସ୍ମୃତି ଦିଏ ମୋତେ ଜାଳି ॥

ତୁମ ପ୍ରେମ ଠାରୁ ତୁମ ସ୍ମୃତି ଭାରି
ସାପ ପରି ମାରେ ଚୋଟ
ଯେତିକି ବଞ୍ଚେ ମୁଁ ସେତିକି ମରେ ମୁଁ
ହୁଏ ଖାଲି ଛଟପଟ ॥

ତୁରିନ୍ତିରା, ବାଲିପାଟଣା, ଖୋର୍ଦ୍ଧା

# ଗ୍ରୀଷ୍ମର ତାତି



**ଜୟଶ୍ରୀ ପଟ୍ଟନାୟକ**

ଆକାଶର ଚନ୍ଦ୍ରାତପ ତଳେ
ହଳ ଆଉ ଲଙ୍ଗଳ କାନ୍ଧି ଧରି
କ୍ଷେତରେ ହଳ କରୁଥିଲା ସନା
ଅକ୍ଷୟତୃତୀୟାରେ ଯାଚି ଦେଉଥିଲା
ଖିରିପିଠା ଆଉ କେତେକଣ ଫଳମୂଳ
ନୂଆ ଯୋଡ ପିନ୍ଧି ନୈବେଦ୍ୟରେ
ଖୁବ ମନାସୁଥିଲା ସାଷ୍ଟାଙ୍ଗ ହୋଇକି
ଭଲ ବର୍ଷା ଭଲ ଅମଳ ପାଇଁ ।

ଉଦୁଉଦିଆ ବୈଶାଖ ଖରାରେ
ପଞ୍ଜୀରାଛାତି ଦେଖାଇ ପାକୁଆ ପାଟିରେ
ଖନି ମାରୁଥିବା ପାଟିରେ କହୁଥିଲା
ସୁଲି ବୋଉ ! ଏସନ ଚାଳ ଛପରଟା ହେବ
ବୈଶାଖର ତାତି ଆଉ ସହି ହେଉନାହିଁ ।

ଗଛ ବୃଛ ବାତ୍ୟା ଆଁ ରେ ଗିଳି ଦେଲାପରେ
ଛପର ଫାଙ୍କରେ ପଡ଼ିଲାଣି
ଚାବୁକ ମାଡ଼ ପରି ଖରା
ଆଁ କରି ଚାହିଁଥିବା ବିଲ ମୁଣ୍ଡରେ ବି
ବହୁନାହିଁ ଶୀତଳ ପବନ
ନଈର ଚୁଆ ଯା ସାହା ମୁନ୍ଦେ ପାଣି ପିଇବାକୁ ।

ନଈର ତତଲା ବାଲିରେ ଟିପେ ପାଦ ରଖିଲେ
ଲାଗୁଛି ଝାମୁରେ ଚାଲିବା ପରି
ଶୁଖିଲାଣି ମହାନଦୀର ଉପର ମୁଣ୍ଡ
ଆମ ଗାଁ ନଈ କଥା କିଏ ପଚାରେ ?
ରାତି ଥାଉଣୁ ଗରା, ବାଲଟି, ଡେକେଚି
ଜଗିଛନ୍ତି ପାଣିପାଇଁ
ସବୁ ସେଇ ଗ୍ରୀଷ୍ମରୁ ରକ୍ଷା ପାଇଁ ।

ନିଜକୁ ପଶୁ ପକ୍ଷୀ ଆଉ
ଟାଣ ଖରାରେ ସିଝିଯାଇଥିବା ଗଛର
ଅଣ୍ଡାକୁ ସଳଖିବା ପାଇଁ
ଡହଳ ବିକଳ ଜୀବନକୁ
ଶାନ୍ତ କରିବାପାଇଁ
ଗ୍ରୀଷ୍ମର ତାତିରୁ ନିଜକୁ ବଞ୍ଚେଇବା ପାଇଁ ।

ଆ !! ବାରିକାନି ଲଗେଇଦେବା କେତେଟା ଗଛ
ଛାଇ ଉହାଡ଼ରେ, ଶୀତଳ ସମୀରଣରେ ବସି
ମିଠା ମିଠା କଥା ହେବା ମନଖୋଲାରେ
ଆମକୁ ଦେଖି କୁମ୍ଭାଟୁଆ ହୁଁ ମାରୁଥିବ
ଗଛ ଡାଳରେ, କୋଇଲି ଶୁଣାଉଥିବ
ଗୀତ ପଞ୍ଚମ ତାନରେ ।

**ଗଙ୍ଗନଗର, ଭୁବନେଶ୍ୱର**

# ଏବେ ଏବେ : ମୁଁ, ତମେ ଆଉ ସେମାନେ

ସରୋଜିନୀ ଜେନା

କାଲି ସଂନ୍ଧ୍ୟାରେ ମୋ କିଚେନ୍ ଝର୍କା ଫାଙ୍କ ଦେଇ
ଦିଶୁଥିବା ଜହ୍ନଟା ଯେମିତି ଥିଲା ଆଜି ବି ସେମିତି
ତା'ର କ'ଣ ଯାଏ ଯେ ମୋ ଆଖିର ଚଷମା କାଚ ସବୁ
ଘଷରା ହେଲେ କି ଭାଙ୍ଗିରୁଜି ଗଲେ !

ଏଇତ ପାଖ ଆମ୍ବଗଛରୁ ଶୁଭୁଥିଲା କୋଇଲିର ସ୍ୱର,
ମୋତେ ଯେମିତି ଶୁଣେଇ ଶୁଣେଇ
ସେ ଗାଉଥିଲା ଚଇତାଳି ଗୀତ ।
ମୋତେ କିନ୍ତୁ ଶୁଭୁଥିଲା କରୋନାର ବିଭତ୍ସ ସଙ୍ଗୀତ,
ଚଇତି ପୁନେଇଁ ପରେ ବୈଶାଖର ବୁକୁଫଟା କାନ୍ଦ ।।

ଏବେ ଏବେ ମନେପଡେ
ବାପଘର କୁଆଁରିଆ ମନ ସହ
ଶାଶୂଘର ଭୁଆସୁଣୀ ବେଳ
ବାରିପଟ ବରଗଛ ଛାଇ, ଡାଆଣିଆ ଖରା
ଅବା ମଲ୍ଲୀ ପରି ମହମହ ସଞ୍ଜତାରା
ମାଛି ଅନ୍ଧାରର ସଜଫୁଟା ଗଙ୍ଗଶିଉଳିର ମନ ।

ତୋ' ମୋ' ବାଲିଘର, କଣ୍ଢେଇ ବାହାଘର
ସେମାନଙ୍କ ସାଥେ ମିଶି ଭୋଜିଭାତ
ବରଯାତ୍ରୀ ଭାର କି ବେଭାର
ଭାଇ ଭାଗ ବଣ୍ଟା ପରି
କିଏ ଅବା ଟାଣିଅଛି ଲକ୍ଷ୍ମଣର ଗାର !

ଯେତେ ସବୁ ସଜବାଜ ମାନ ଅପମାନ
ଦୁର୍ବିସହ ଅଭିଯୋଗ ଅଭିମାନ
ମଡାଚଣ୍ଡିଆ ମନରେ ବୈରାଗ୍ୟର ଶୀତଳ ଚନ୍ଦନ
ଆପଣାପଣର ଘୃତେ ଜଳିଯାଏ ସଂନ୍ଦିଗ୍ଧ ଭବିଷ୍ୟ
ଏବେ ଏବେ ଲୋଡାପଡେ
ମୁଁ ତୁମେ ଆଉ ସେମାନଙ୍କ ସମାବେଶେ
ଅହଂର ଦହନପରେ ସାମୁହିକ ମନ୍ତ୍ର ଉଚ୍ଚାରଣ ,
ତ୍ରାହିବାକୁ ନିଖିଳ ଜୀବନ ।।

କରିମୂଳ, କଲ୍ୟାଣପୁର, ଡେଲାଙ୍ଗ, ପୁରୀ

# ମାହାତ୍ମ୍ୟ : ଅକ୍ଷୟ ତୃତୀୟାର



ତୋଫାନ କୁମାର

ଚାଷୀ ଭାଇର କଥା ଏହି
ଅକ୍ଷୟ ତୃତୀୟା ଅଟଇ ।
ତୃତୀୟା ତିଥି ଶୁକ୍ଳପକ୍ଷ
ପ୍ରଥମ ମାସ ବଇଶାଖ ।
ଚାଷୀ ଭାଇଟି ଖୁସି ମନେ
ଆରମ୍ଭି ଲାଗେ ଚାଷକାମେ ।
ଅନାଦି କାଳୁ ଚାଷୀ ଭାଇ
ପୁଜଇ ଶୁଚିମନ୍ତ ହୋଇ ।
ଲକ୍ଷ୍ମୀ ମାଆ ଙ୍କ ଶ୍ରୀପୟରେ
ପ୍ରଣମେ ସିଏ ଭକ୍ତି ଭରେ ।
ସତ୍ୟ ଯୁଗରୁ ଏହି ଧାରା
ଧାନାନୁକୂଳ ହୁଅ ପରା ।
ନଉତି, ବୋଝେ ଧାନ ଧଳା
ଚିତା ଚନ୍ଦନ ଥାଏ ବୋଳା ।
ମୁଣ୍ଡରେ ରଖି ଅକ୍ଷି ମୁଠି
ହୁଳହୁଳିରେ ଯାଏ ଫାଟି ।
ବିଲକୁ ନିଏ ହରଷରେ
ଆମ୍ବ କଦଳୀ ସହିତରେ ।
ନଡ଼ିଆ ଫଳ କ୍ଷୀର ଛେନା
ଭୋଗ ସହିତେ ଫୁଲ ନାନା ।
ଲାଗି ଦିଅଇ ସୁମରଇ
ବର୍ଷକ ସୁଖ ମାଗିଥାଇ ।
ଧୂପଦୀପରେ ଭକ୍ତିଭରେ
ଲକ୍ଷ୍ମୀ ମାଆଙ୍କୁ ପୂଜା କରେ ।
ଅକ୍ଷୟ ତୃତୀୟା ମାହାତ୍ମ୍ୟ
ଜନମି ଥିଲେ ପର୍ଶୁରାମ ।
ଗଙ୍ଗାଙ୍କ ଧରାବତରଣ
ଭଗୀରଥଙ୍କ ଉଦ୍ଧାରଣ ।
ଅକ୍ଷୟ ବ୍ରହ୍ମାଙ୍କର ପୁତ୍ର
ଜନ୍ମ ଯେ ପୁରାଣେ ବର୍ଣ୍ଣିତ ।
ସୂର୍ଯ୍ୟ ଦେଲେ ଅକ୍ଷୟ ପାତ୍ର
ଧର୍ମାତ୍ମା ଯୁଧିଷ୍ଠିର ହସ୍ତ ।
ମହାଭାରତ ଶେଷ ଦିନ
ଚାରିବେଦର ଲେଖା ଜାଣ ।
ବଳଦେବଙ୍କ ପରିଣୟ
ପୁରାଣେ ରେବତୀ ବିଷୟ ।
ଦର୍ଶନେ କୋଟି ପୁଣ୍ୟଫଳ
ବଦ୍ରିନାରାୟଣ ସକଳ ।
ମା' ଲକ୍ଷ୍ମୀ ହେଲେ ଆବିର୍ଭାବ
ସିନ୍ଧୁ ମନ୍ଥନେ ଦିନ ଶୁଭ ।
ଜୟଦେବଙ୍କ ଜନ୍ମଦିନ
ହେଲା ଯେ କେନ୍ଦୁବିଲ୍ବ ଗ୍ରାମ ।
ରଥକାଠର ଅନୁକୂଳ
ଚନ୍ଦନଯାତ୍ରାର ଗହଳ ।
ମା' ଲକ୍ଷ୍ମୀଙ୍କ ଆଶିଷରେ
ଜୀବନ ବିତୁ ଆନନ୍ଦରେ ।
ଚାଷୀକୁଳର ହିତ ହେଉ
ସୁରୁଖୁରୁରେ ଦିନ ଯାଉ ।
ସରବେ ହରିବୋଲ ଦେବା
ଚାଷର ଉନ୍ନତି କରିବା ।

ବିଜ୍ଞାନ ଶିକ୍ଷକ,
ଆଇ ଆର୍ ସି ଭିଲେଜ ସରକାରୀ ଉଚ୍ଚ ବିଦ୍ୟାଳୟ

# ମୁଁ କଣ ଶାନ୍ତିରେ ଅଛି

କାଳିପ୍ରସାଦ ମହାପାତ୍ର



ମୁଁ କଣ ଶାନ୍ତିରେ ଅଛି
ମୁଁ ଆଜି ଲୋମହୀନ
ଶରୀର ମୋ ଜଳିଯାଏ
ସୂରୁଜ ପ୍ରଚଣ୍ଡ କିରଣେ ।

ମୁଁ କ'ଣ ଶାନ୍ତିରେ ଅଛି
ପଲିଥିନର ଖୋଳ ତଳେ
ଜଳ ଓ ପବନ ଅଭାବରେ
ସିଝିସିଝି ମରିବା ପାଇଁ ।

ମୁଁ କ'ଣ ଶାନ୍ତିରେ ଅଛି
ସିମେଣ୍ଟ କଂକ୍ରିଟ ରାସ୍ତାରେ
ତତଲା ତାଉଆ ପରି
ତାତିଯାଏ ଦେହ ମୋର ।

ମୁଁ କ'ଣ ଶାନ୍ତିରେ ଅଛି
ସବୁଜ ଘରର ଭିତରେ
କାର୍ବନ ଆସ୍ତରଣ ତଳେ
ହିମାଳୟକୁ ତରଳିବାକୁ

ମୁଁ କ'ଣ ଶାନ୍ତିରେ ଅଛି
କଳକାରଖାନା ଓ ଯୁଦ୍ଧର
ଧୂଆଁର ଓ ନିଆଁର ବାଦଲ
ଅଣନିଶ୍ୱାସ ଲାଗେ ମୋତେ ।

ମୁଁ କ'ଣ ଶାନ୍ତିରେ ଅଛି
ଗାଡିମଟରର ଧୂଆଁରେ
ଯୁଦ୍ଧାସ୍ତ୍ରର ରାସାୟନିକତାରେ
ମୃତ୍ୟୁ ପ୍ରାୟ ଲାଗେ ମୋତେ

ମୁଁ କ'ଣ ଶାନ୍ତିରେ ଅଛି
ବନାଗ୍ନିର ଲେଲିହାନ ଶିଖାରେ
ସମୁଦ୍ରର ବର୍ଦ୍ଧିତ ଜଳରାଶିରେ
ବନ୍ୟା, ବାତ୍ୟା ଓ ସୁନାମିରେ ।

ମୁଁ କ'ଣ ଶାନ୍ତିରେ ଅଛି
ମୁଁ ଧରିତ୍ରୀ ମାଆ କହୁଛି
କାନ୍ଦି କାନ୍ଦି ଲୁହ ଗଡାଇ
ରକ୍ଷାକର ରକ୍ଷାକର ମୋତେ ।

ମୁଁ କ'ଣ ଶାନ୍ତିରେ ଅଛି
ମାନବର ତାଡ଼ନା ସହିସହି
କୋଳ ମୋର ଶୂନ୍ୟ ପଡେ
ଜୀବଜନ୍ତୁ ଓ ଗଛକୁ ହରାଇ ।

ମୁଁ ଯଦି ଶାନ୍ତିରେ ରହିବି
ହେ, ମାନବ ସନ୍ତାନ ମୋର
ପ୍ରତିଜ୍ଞାବଦ୍ଧ ହୁଅ ତୁମେ
ଆଜି ବିଶ୍ୱ ଧରିତ୍ରୀ ଦିବସେ।

ଶାନ୍ତିରେ ରଖିବା ପାଇଁ ମୋତେ
ରକ୍ଷାକର ବିଶ୍ୱର ପରିବେଶ
ରକ୍ଷାକର ଜୀବଜନ୍ତୁ ଗଛଲତା
ରକ୍ଷାକର ଜଳବାୟୁ ଓ ଧରିତ୍ରୀକୁ।

ଶିକ୍ଷକ
ବନ୍ଧୁଗାଁ ,କୋରାପୁଟ

# ବିଜ୍ଞାନୀ କୈବର୍ତ୍ତ



ପଦ୍ମନାଭ ପାଣିଗ୍ରାହୀ

ଗୁରୁ ବିଶ୍ୱାମିତ୍ର ସଙ୍ଗେ ଶ୍ରୀରାମ ଲକ୍ଷ୍ମଣ
ଶୋଭାପ୍ରକାଶିଲେ ବାଳ ଭାନୁର ସମାନ
ଅହଲ୍ୟା ଉଦ୍ଧାର ଅନ୍ତେ ଶ୍ରୀ କୋଦଣ୍ଡଧାରୀ
ବିଶ୍ୱାମିତ୍ର ସାଥେ ଯିବେ ମିଥିଳା ନଗରୀ
ପତିତପାବନୀ ଗଙ୍ଗା କୂଳରେ ପ୍ରବେଶ
ପବିତ୍ର ଜାହ୍ନବୀ ଜଳେ ତୁଟିଗଲା କ୍ଳେଶ
କୂଳଠାରୁ ଦୂରେ ନାବ ବାହଇ ନାବିକ
ପାରିହେବା ଆଶା ନେଇ ଡାକିଲେ କୌଶିକ
ପାରିହେବୁ ନାବଆଣ ବିଳମ୍ବ ନ କର
ଶୁଣି ନ ଶୁଣିଲା ପରି ରହିଲା ଧୀବର
ସବିନୟେ କରଯୋଡି ଧୀବର ବୋଲଇ
ଏହି ନାବଗୋଟି ମୋର ସମ୍ବଳ ଅଟଇ
କୁଟୁମ୍ବ ପୋଷୁଛି ଏହି ନାବ ମୋ ଭରସା
ଧନ ଉପାର୍ଜନ କରେ ମୋ କୁଳର ବେଉଷା
ଚରଣ ପରଶେ ପଥେ ପାଷାଣ ନାୟିକା
ନାବ ହୋଇବ ନାୟିକା ହୃଦୟେ ମୋ ଶଙ୍କା
ଅନୁମତି ଦେଲେ ପ୍ରଭୁ ଶ୍ରୀପାଦ ଧୋଇବି
ମିଥିଳାକୁ ଯିବ ନଦୀ ପାର କରିଦେବି
ପାଦ ପ୍ରକ୍ଷାଳନ କଲା ବିଜ୍ଞାନୀ କୈବର୍ତ୍ତ
ବ୍ରହ୍ମା ଶଙ୍କର ଯାହାର ନ ପାଆନ୍ତି ଅନ୍ତ
କୈବର୍ତ୍ତ ପାଇଲା ମୁକ୍ତି ଧନ୍ୟ ତା ଜୀବନ
ବିଶ୍ୱେ ପ୍ରଭୁ ନାମ ନେଲେ ପତିତପାବନ

ବନମାଳୀ କଲୋନୀ
ଜଟଣୀ, ଖୋର୍ଦ୍ଧା

# କବି ଓ କବିତା

ଡ. ପ୍ରମୋଦ ଚନ୍ଦ୍ର ଦାଶ



କବିତାକୁ ଆଉ    କବିକୁ ମୁହିଁ ତ
ଭଲପାଏ ତା'ର ଲେଖାକୁ
ଭାବିଚିନ୍ତି ବୁଝି    ଶବ୍ଦକୁ ସେ ଯୋଡି
କେତେ ଯେ ସଜାଏ ତାହାକୁ ।

ମନର ଭାବନା    କଳ୍ପନାର ସ୍ରୋତ
ଭାବରେ ବିଭୋର କରେ
ଭାବରୁ ନିକଟ    ହୋଇଗଲା ପରେ
କବିତାର ଝର ଝରେ ।

କବିତା ଲେଖିବା   ସହଜ ନୁହେଁ ତ
ଶବ୍ଦ କୋଷ ଲୋଡା ହୁଏ
ଶବ୍ଦର ଚାତୁରୀ    ବଢାଇ ଦିଏଟି
ଗୁଣାତ୍ମକ ମାନ ସିଏ ।

କବିତାକୁ ନେଇ    ମନ ତା' ପୂରଇ
ବାରମ୍ବାର ପଢୁଥାଏ
ପ୍ରଶଂସା ଟିକିଏ    ପାଇଗଲେ ସତେ
କୋଟିନିଧି ମିଳିଯାଏ ।

ସେଇ କବିତାକୁ    ନେଇ ତା'ର ଗର୍ବ
ବାରମ୍ବାର ଲେଖୁଥାଏ
ଭଲ କବିତାଟି    ନହେବା ଯାଏଁ ସେ
କାଟୁଥାଏ ଚିରୁଥାଏ ।

# ଆମରିସତ୍ୟ

**Volume : I ◆ Issue : 5 ◆ May 2022**



ଡ. ପ୍ରମୋଦ ଚନ୍ଦ୍ର ଦାଶ
ମାର୍ଗଦର୍ଶକ



ବିଭୂପ୍ରସାଦ ହରିଚନ୍ଦନ
ଉପଦେଷ୍ଟା



ଡ. ରଶ୍ମିରଞ୍ଜନ ନାଥ
ଉପଦେଷ୍ଟା



ନିଶିକାନ୍ତ କହଲସିଂହ
ଉପଦେଷ୍ଟା



ସମରଜିତ୍ ପଟ୍ଟନାୟକ
ସମ୍ପାଦକ



ବାବାଜୀ ଜେନା
ସହଯୋଗୀ ସମ୍ପାଦକ



ତ୍ରିଲୋଚନ ଦାସ
ସହଯୋଗୀ ସମ୍ପାଦକ



ଶ୍ରୀମତୀ ରଶ୍ମିତା ନାୟକ
ସହଯୋଗୀ ସମ୍ପାଦକ



ଶ୍ରୀମତୀ ବାସନ୍ତୀ ଦେଈ
ସହଯୋଗୀ ସମ୍ପାଦକ

**M-1/5, M.P.Housing Board Colony**
**Post: P.N.College, Dist: Khordha, State: Odisha, Pin: 752057**
**+91-9437281655, Email : amarisatya@gmail.com**